# ଦଣ୍ଡଯାତ୍ରାରେ ଉତ୍ସବମୁଖର ପୋଲସରା



**ପୋଲସରା,୫ ।୪(ସମିସ)**

ଦଣ୍ଡ ଯାତ୍ରାରେ ଉତ୍ସବ ମୁଖର ହୋଇଛି ପୋଲସରା ସହର ସମେତ ସମସ୍ତ ପଞ୍ଚାୟତ। ସବୁଆଡେ ଦଣ୍ଡୁଆ ଗେରୁଆ ବସ୍ତ୍ର ପରିଧାନ କରି ହାତରେ ପିଞ୍ଛବାଡି ଓ ବାନା ଧରି ମା'ଙ୍କୁ ଭଜନ୍ତି ଏହି ସମୟରେ ଢ଼ୋଲୁଆର ଢୋଲରେ ଏକ ନିଆରା ଭକ୍ତିମୟ ପରିବେଶ ଦେଖିବାକୁ ମିଳିଛି। ପୋଲସରା ଅଞ୍ଚଳରେ ଏପ୍ରିଲ ୧ ତାରିଖରୁ ଆରମ୍ଭ ହୋଇଛି ଏହି ଦଣ୍ଡଯାତ୍ରା। ପୋଲସରାର ଦକ୍ଷିଣ କାଳୀ, ରାଣୀପଡ଼ାର ଉତ୍ତରା କାଳୀ, ମଥୁରା, ପାଟିଗଡ଼, ତେନ୍ତୁଳିଆ, ତିରିବିରୀ, ଚିରିକିପଡା, ଷୋଡକ, ରୁମାଗଡ, ହାତୀଓଟ, ବିଲେଇଝୁରି, ରୂଖାକଣା ସମେତ ବିଭିନ୍ନ ସ୍ଥାନର ଦଣ୍ଡ ଦଳରେ ମାନସିକ ଧାରୀ ଯୋଗଦେଇ ମା'ଙ୍କ ସେବାରେ ଯୋଗଦେଇଛନ୍ତି। ପ୍ରତିଦିନ ଦଣ୍ଡୁଆଙ୍କ ଧୂଳି ଦଣ୍ଡ, ପାଣିଦଣ୍ଡ, ସନ୍ଧ୍ୟା ଆଳତି, ରାତ୍ର ପରଭା କାଳୀ ଖେଳ ସହ ଆଞ୍ଚଳିକ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକମ ଅନୁଷ୍ଠିତ ହୋଇଆସୁଛି। ଏହି ଅବସରରେ ପୋଲସରା ବ୍ଲକର ବିଭିନ୍ନ ଗ୍ରାମରେ ମାନସିକ ଦଣ୍ଡ ଯାତ୍ରା ଓ ପଞ୍ଚୁ ଦଣ୍ଡ ଅନୁଷ୍ଠିତ ହୋଇଛି। ଶୁକ୍ରବାର ଝିଟିକାବାଡି ଏବଂ ଶନିବାର କଳମ୍ବ ଗ୍ରାମରେ ପଞ୍ଚୁଦଣ୍ଡ ଅନୁଷ୍ଠିତ ହୋଇଛି। ପଞ୍ଚୁଦଣ୍ଡ ମହାମିଳନ ଦେଖିବା ପାଇଁ ଆଖପାଖ ଅଞ୍ଚଳରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ହୋଇଥିଲା। ଆସନ୍ତା ମହା ବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ଏହି ଦଣ୍ଡ ଯାତ୍ରା ପାଳିତ ହେବ। ଦୈନିକ ଶହାଶହ ବିଦେଶ ଫେରନ୍ତା ପୋଲସରା ଆସୁଥିବା ବେଳେ ସନ୍ଧ୍ୟା ସମୟରେ ବ୍ୟାପକ ଭିଡ଼ ଦେଖିବାକୁ ମିଳୁଛି।

## ଭଞ୍ଜନଗରରେ ପଞ୍ଚୁଦଣ୍ଡ ମହାମିଳନ

**ଭଞ୍ଜନଗର:** ସହରର ୯ ନମ୍ବର ୱାର୍ଡ ପରିସରରେ ରବିବାର ପଞ୍ଚୁଦଣ୍ଡ ମହା ମିଳନ ଅନୁଷ୍ଠିତ ହୋଇଯାଇଛି। ଏହି ୱାର୍ଡସ୍ଥିତ ଏଲ୍‌ଆଇସି କଲୋନୀ, ହାତୀ ବନ୍ଧ ସାହି, ରଘୁନାଥ କଲୋନୀ ଓ ବଡ ତୋଟା ସାହି ସମେତ ସମସ୍ତ ସାହି ବାସିନ୍ଦା ଙ୍କ ମିଳିତ ସହଯୋଗରେ ଏହି ପଞ୍ଚୁ ଦଣ୍ଡ



ଯାତ୍ରା ମହା ସମାରୋହରେ ପାଳିତ ହୋଇଛି। ଏଥିରେ ପାଟରାପଲ୍ଲୀ, ବେଲଗୁଣ୍ଠା, ଡିହ ପଡାଳ, ତନରଡା ଓ ଭଞ୍ଜନଗର ଦଣ୍ଡ ଯାତ୍ରା ଦଳ ଅଂଶଗ୍ରହଣ କରିଥିଲେ। ସକାଳୁ ସମସ୍ତ ଦଣ୍ଡ ଦଳ ନିଜ ନିଜର ଠାକୁରଙ୍କୁ ନେଇ ସହରର ନିୟନ୍ତ୍ରିତ ବଜାର କମିଟି ପରିସରରେ ପହଞ୍ଚିଥିଲେ। ସେଠାରୁ ୱାର୍ଡବାସିନ୍ଦା ସମସ୍ତ ସଦସ୍ୟ ଏକାଠି ସେଠାରେ ପହଞ୍ଚି ଠାକୁରଙ୍କୁ ବରଣ କରିଥିଲେ। ପରେ ଏକ ବିରାଟ ପଟୁଆରରେ ଦଣ୍ଡ କାଳୀଙ୍କ ସହ ହଜାର ହଜାର ଦଣ୍ଡୁଆ ଧାଡ଼ି ବାନ୍ଧି ସହର ପରିକ୍ରମା କରିଥିଲେ। ଏମାନେ ଆରଏମସିରୁ ବାହାରି ମହାବୀର ଛକ ହୋଇ ଷ୍ଟେଟ୍ ବ୍ୟାଙ୍କ ଛକ ଦେଇ ୯ ନମ୍ବର ୱାର୍ଡରେ ପହଞ୍ଚିଥିଲେ। ମଧ୍ୟାହ୍ନରେ ଧୂଳି ଦଣ୍ଡରେ ଓଡିଆ ଜନ ଜୀବନର ପାରମ୍ପରିକ ଧାନ ଚାଷ, ରୁଆ, ବେଉଷଣ, ମାଟି ପାତ୍ର ନିର୍ମାଣ, ମନ୍ଦିର ନିର୍ମାଣ, ଲୁଗା ବୁଣା, ଘଣା ସହାୟତାରେ ତେଲ ପେଡା ଭଳି ଅନେକ ଘଟଣାକୁ ଦଣ୍ଡୁଆ ମାନେ ପ୍ରଦର୍ଶନ କରିଥିଲେ। ଧୂଳି ଦଣ୍ଡ ପରେ ସମସ୍ତ ୫ ଦଣ୍ଡ ଦଳ ନିକଟସ୍ଥ ଖ୍ରୀଷ୍ଟିଆନ ସାହି ପୋଖରୀକୁ ଯାଇ ସେଠାରେ ପାଣିରେ ଦଣ୍ଡ ବିଧାନ କାର୍ଯ୍ୟ ସଂପନ୍ନ କରିଥିଲେ। ଏହି ସମୟରେ ହୁଳହୁଳି ଶବ୍ଦରେ ସଂପୂର୍ଣ୍ଣ ଇଲାକା ପ୍ରକମ୍ପିତ ହୋଇଥିଲା। ରାତିରେ ଅଗ୍ନି ଦଣ୍ଡ ପରେ ବିଭିନ୍ନ ଦଣ୍ଡ ଦଳ ଦଣ୍ଡୁଆଙ୍କ ପଥଶ୍ରମ ଲାଘବ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଜିଲ୍ଲାପାଳଙ୍କ ଲକ୍ଷ୍ୟ ନିକେତନ ପ୍ରଶିକ୍ଷଣ କେନ୍ଦ୍ର ପରିଦର୍ଶନ



**ଛତ୍ରପୁର,୫ ।୪(ସମିସ):** ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଲକ୍ଷ୍ୟ ନିକେତନ ପ୍ରଶିକ୍ଷଣ କେନ୍ଦ୍ର ଶନିବାର ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ଶ୍ରେଣୀ ଗୃହର ଉଦଘାଟନ ହୋଇଥିଲା। ବ୍ରହ୍ମପୁର ବ୍ୟତୀତ ଛତ୍ରପୁର ଓ ଭଞ୍ଜନଗର ଠାରେ ମଧ୍ୟ ଲକ୍ଷ୍ୟ ନିକେତନ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରାଯିବ। ଏନେଇ ଛତ୍ରପୁର ନୂତନ ବସଷ୍ଟାଣ୍ଡ ଠାରେ ଉଦଘାଟନ ହେବାକୁ ଥିବା ପ୍ରଶିକ୍ଷଣ କେନ୍ଦ୍ରକୁ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ପରିଦର୍ଶନ କରି ଏହାର ତଦାରଖ କରିଛନ୍ତି। ଏହି କେନ୍ଦ୍ର ଆସନ୍ତା ୭/୮ ଦିନ ମଧ୍ୟରେ ଉଦଘାଟନ କରାଯିବ ବୋଲି ସୂଚନା ଦେଇଛନ୍ତି ଜିଲ୍ଲାପାଳ। ଏହି ପରିଦର୍ଶନ ବେଳେ ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ ଓ ଛତ୍ରପୁର ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶଙ୍କ ସହ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ଥିଲେ। ପ୍ରଥମ ଥର ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଲକ୍ଷ୍ୟ ନିକେତନ କାର୍ଯ୍ୟକ୍ରମ ମାଧ୍ୟମରେ ସିଭିଲ ସର୍ଭିସ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଜାନୁଆରୀ ମାସରେ ଆୟୋଜିତ ହୋଇଥିବା ପରୀକ୍ଷାରେ ପ୍ରାୟ ୭୦୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୭୦ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଗଞ୍ଜାମ ଜିଲ୍ଲାର ଯୁବକ ଓ ଯୁବତୀଙ୍କୁ ଭାରତୀୟ ପ୍ରଶାସନିକ ସେବା, ଓଡ଼ିଶା ପ୍ରଶାସନିକ ସେବା ଓ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ। ଦିଲ୍ଲୀରେଅବସ୍ଥିତସାରଥିଆଇଏଏସକୋଚିଂସେଣ୍ଟରରଅଧ୍ୟାପକଅନଲାଇନମାଧ୍ୟମରେ ଏବଂ ଗଞ୍ଜାମ ଜିଲ୍ଲାର ଆଇଏଏସ ଏବଂ ଓଏଏସ ଅଧିକାରୀ ନିଜେ ଉପସ୍ଥିତ ରହି ପ୍ରଶିକ୍ଷଣ ପ୍ରଦାନ କରିବେ। ଏଠାରେ ପରୀକ୍ଷାର୍ଥୀଙ୍କ ପାଇଁ ପାଠାଗାରର ମଧ୍ୟ ସୁବିଧା ରହିଛି।

## ରୋଟାରୀ କ୍ଲବ ତରଫରୁ ସ୍ୱାସ୍ଥ୍ୟ ଶିବିର



**ଛତ୍ରପୁର,୫ ।୪(ସମିସ):** ଛତ୍ରପୁର ସ୍ଥିତ ରୋଟାରୀ କ୍ଲବ ତଥା ବିଜୁ ପଟ୍ଟନାୟକ ହୋମିଓପାଥିକ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, ବ୍ରହ୍ମପୁରର ମିଳିତ ସହଯୋଗରେ ସ୍ଥାନୀୟ ବଉଳ ଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଡାକ୍ତରୀ ଦଳର ନେତୃତ୍ୱ ନେଇଥିବା ଡ଼ଃ ସିଦ୍ଧାର୍ଥ ଶତପଥୀ ଓ ଲ୍ୟାବ ଟେକ୍ନିସିଆନ ସୁଚିସ୍ମିତା ସାହୁଙ୍କ ତତ୍ତ୍ୱାବଧାନରେ ଆସିଥିବା ଡାକ୍ତରୀ ଦଳ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଅଂଶୁଘାତ, ଯକ୍ଷ୍ମା, ମଧୁମେହ, ଥାଇରଏଡ଼ ତଥା ଗଣ୍ଠି ଯନ୍ତ୍ରଣା ଭଳି ଅନେକ ରୋଗରୁ କିପରି ହୋମିଓପାଥି ଔଷଧ ସେବନ ଦ୍ୱାରା ମୁକ୍ତି ମିଳିପାରିବ ସେ ନେଇ ସମସ୍ତଙ୍କୁ ସଚେତନ କରିଥିଲେ ଓ ମାଗଣା ଔଷଧ ବଣ୍ଟନ କରିଥିଲେ। ଛତ୍ରପୁର ରୋଟାରୀ କ୍ଲବର ପୂର୍ବତନ ସଭାପତି ନିରଞ୍ଜନ ପାତ୍ର, ସମ୍ପାଦକ ଡମ୍ବରୁଧର ସାହୁ, ଉପସଭାପତି ଅଜୟ ତ୍ରିପାଠୀ, ଗଜପତି ଜିଲ୍ଲା ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର, ଓକିଲ ସୁରଜିତ ସାମନ୍ତରାୟ, ବିମଳ ପ୍ରସାଦ ସାହୁ, ଭ୍ରମରବର ଦାସ, ସମାଜସେବୀ ମନୋଜ ମିଶ୍ର, ଓକିଲ ଲସିତ ବରଣ ବେହେରା, ଦିନେଶ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

## ସାମାଜିକ ଅପେରା ଟୁର୍ଣ୍ଣାମେଣ୍ଟ ପ୍ରସ୍ତୁତି ବୈଠକ

**ଗଞ୍ଜାମ,୫ ।୪(ସମିସ):** ଗଞ୍ଜାମ ବ୍ଲକ ଅଞ୍ଚଳରେ ପ୍ରଥମ ଥର ପାଇଁ ସାମାଜିକ ଅପେରା ନାଟକ ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବାକୁ ଯାଉଛି। ଏଥିପାଇଁ ଝାରେଡି ରାଧା ଗୋବିନ୍ଦପୁର ପଞ୍ଚାୟତ କଣ୍ଟାପଡ଼ାସ୍ଥିତ ମଠ ମକୁନ୍ଦପୁର ଗ୍ରାମରେ ଥିବା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ମା କନକ ଦୁର୍ଗା ନାଟ୍ୟ ସଂସଦ ପରିଚାଳକ ତଥା ବଣିକ ସଙ୍ଘ ସଭାପତି ଗୌରୀ ଶଙ୍କର ବାରିକିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ନିରଞ୍ଜନ ମୁଦୁଲି, ଯୋଗେନ୍ଦ୍ର ସେଠୀ, କଳା ସାଂସ୍କୃତିକ ମଞ୍ଚ ସଭାପତି ଶବର କୁମାର ତରାଇ, ମଞ୍ଚ ଉପସ୍ଥାପକ ସୁଧୀର କୁମାର ସାହୁ, ବରିଷ୍ଠ କଳାକାର ସମ୍ପଦ ନାହାକ, ଚର୍ଚ୍ଚିତ ଖଳନାୟକ ପ୍ରଦୀପ କୁମାର ପଣ୍ଡା, ସଂଯୋଜକ ସମର ରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ରଜ ଉତ୍ସବରେ ଟୁର୍ଣ୍ଣାମେଣ୍ଟ କରାଯିବା ନେଇ ଆଲୋଚନା ହେବା ସହ ଏଥିପାଇଁ ଏକ ୧୧ ଜଣିଆ କମିଟି ଗଠନ କରାଯାଇଛି। କମିଟି ସଭାପତି ଭାବେ ଗୌରୀ ଶଙ୍କର ବାରିକି, ସମ୍ପାଦକ ଚିତ୍ତରଞ୍ଜନ ନାହାକ, ଶବର ତରାଇ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ନାହାକ, ଦିଲ୍ଲୀପ କୁମାର ଛୋଟରାଏ, ସଦସ୍ୟ କାହ୍ନୁଚରଣ ନାହାକ, ସୁଧୀର, ସଦାନନ୍ଦ, ସମ୍ପଦ, ଅକ୍ଷୟ ପ୍ରମୁଖଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଗୋଟିଏ ମଞ୍ଚରେ ପାଞ୍ଚଟି ନାଟ୍ୟ ସଂସଦ ଭାଗ ନେଇ ନାଟକ ପରିବେଷଣ କରିବେ। ବିଚାରକ ମାନଙ୍କ ଦ୍ୱାରା ବିବେଚିତ ଦୁଇଟି ନାଟକକୁ ପ୍ରଥମ ଓ ଦ୍ୱିତୀୟ ଶ୍ରେଷ୍ଠ ନାଟକ ଘୋଷିତ କରାଯିବ ଏବଂ ପ୍ରଥମ ହୋଇଥିବା ନାଟକ ପରିଚାଳକଙ୍କୁ ଟ୍ରଫି ସହ ପଚାଶ ହଜାର ଓ ଦ୍ୱିତୀୟଙ୍କୁ ତିରିଶ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯିବ ବୋଲି ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମଣ ସାହୁ, ଦୀପକ କୁମାର ବେହେରା, କୁନା ନାହାକ, ସତ୍ୟ ନନ୍ଦ ନାହାକ, ଶିଶିର କୁମାର ନାହାକ ପ୍ରମୁଖ ଉପସ୍ଥିତ ଥିଲେ।

## ଜଗମୋହନ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପ୍ରବେଶ ଉତ୍ସବ

**ଧରାକୋଟ,୫ ।୪(ସମିସ):** ଧରାକୋଟ ବ୍ଲକ୍ ଅନ୍ତର୍ଗତ ଜଗମୋହନ ଗ୍ରାମର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପ୍ରବେଶ ଓ ଖଡ଼ିଛୁଆଁ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦାସଙ୍କ ପୌରୋହିତ୍ୟ ଓ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏକ ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜଗମୋହନ ଗ୍ରାମର ଅବସରପ୍ରାପ୍ତ ଶିକ୍ଷା ଅନୁନିରୀକ୍ଷକ ନୀଳାଚଳ ସାହୁ ମୁଖ୍ୟଅତିଥି ଏବଂ ସମାଜସେବୀ ତଥା ଶିକ୍ଷାବିତ୍ ପ୍ରମୋଦ କୁମାର ମହାରଣା ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବଲ୍ଲଭ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କୁ ନିଜ ପିଲାଙ୍କୁ ସରକାରୀ ବିଦ୍ୟାଳୟରେ ନାମ ଲେଖାଇବାକୁ ଉତ୍ସାହିତ କରିଥିଲେ। ସହକାରୀ ଶିକ୍ଷକ କାଳୁଚରଣ ସ୍ୱାଇଁ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପଠନ କରିବା ସହ ଉପସ୍ଥିତ ଅଭିଭାବକ ମାନଙ୍କୁ ଶପଥ ପାଠ କରାଇଥିଲେ। ଶିକ୍ଷକ ରାମନାଥ ପଡିଆରି, ଅରୁସୁଲୁ ସେଠୀ, କ୍ରିଷ୍ଣା ଚନ୍ଦ୍ର ସ୍ୱାଇଁ ଓ ଶିକ୍ଷୟିତ୍ରୀ ଶାନ୍ତିଲତା ବେହେରା, ସୁଷମା ସାହୁ, ରୋଜାଲିନ୍ ପଟ୍ଟନାୟକ, ଦିପ୍ତିରାଣୀ ପାତ୍ର ନୂତନ ଶିଶୁଙ୍କୁ ସ୍ୱାଗତ କରିବା ସହ ଖଡ଼ି ଛୁଆଁଇଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ା ଓ ବାର୍ଷିକ ପରୀକ୍ଷାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ଶିକ୍ଷକ ସନ୍ତୋଷ କୁମାର ସାହୁ, ଗିରିଧାରୀ ନାୟକ, କ୍ରୀଡ଼ା ଶିକ୍ଷକ ଜଗବନ୍ଧୁ ଦଳାଇ ଓ ଶିକ୍ଷୟିତ୍ରୀ ବାଣୀଶ୍ରୀ ଶତପଥୀ ସହଯୋଗ କରିଥିଲେ।

## ମଦ୍ୟପ ବସ୍ ଚାଳକଙ୍କୁ ପୁଲିସ ଛାଟ

**ଛତ୍ରପୁର,୫ ।୪(ସମିସ):** ନିଶାଶକ୍ତ ଅବସ୍ଥାରେ ବସ ଚଳାଇବା ଚାଳକ ପାଇଁ ମହଙ୍ଗା ପଡିଛି। ଭୁବନେଶ୍ୱରରୁ ବ୍ରହ୍ମପୁର ଅଭିମୁଖେ ଆସୁଥିବା ହରିହର ନାମକ ଏକ ଘରୋଇ ବସ ଶନିବାର ରାତିରେ ଆସୁଥିଲା। ଏତିକିବେଳେ ଛତ୍ରପୁର କଲେଜ ଛକ ନିକଟରେ ପୁଲିସ ଗାଡି ଚେକିଂ ସମୟରେ ଚାଳକ ଧରାପଡିଥିଲେ। ପୁଲିସ ଗାଡିକୁ





ଅଟକାଇ ବ୍ରେଥ ଆନାଲାଇଜର ମାଧ୍ୟମରେ ଗାଡି ଚାଳକଙ୍କୁ ଯାଞ୍ଚ କରିବା ବେଳେ ଗାଡି ଚାଳକ ପ୍ରଚୁର ମଧ୍ୟପାନ କରିଥିବ। ଜଣାପଡିଥିଲା। ଏତିକିବେଳେ ବସରେ ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀ ବସିଥିଲେ। ଗାଡିକୁ ୧୦ ହଜାର ୫ଶହ ଟଙ୍କା ଫାଇନ କରାଯିବା ସହ ଚାଳକର ଡିଏଲ ସସପେଣ୍ଡ କରାଯାଇଛି। ଏଥିସହ ଗାଡିକୁ ଜବତ କରି ଛତ୍ରପୁର ଥାନାରେ ଅଟକ ରଖିଛି ପୁଲିସ। ସଡକ ସୁରକ୍ଷା ନିୟମ ଉଲଙ୍ଘନ ଏବଂ ଯାତ୍ରୀଙ୍କ ଜୀବନ ସହ ଖେଳ ଖେଳିଥିଲା ଗାଡି ଚାଳକ। ଯାତ୍ରୀମାନେ ଚାଳକଙ୍କ ଏଭଳି ବେପରୁଆ କାର୍ଯ୍ୟକୁ ନିନ୍ଦା କରିବା ସହ ପୁଲିସର ଏହି ପଦକ୍ଷେପକୁ ସ୍ୱାଗତ କରିଥିଲେ। ଏବେ ପୁଲିସ ଓ ପରିବହନ ବିଭାଗ ପକ୍ଷରୁ ମାର୍ଚ୍ଚ ୨୧ରୁ ଏପ୍ରିଲ ୧୦ ପର୍ଯ୍ୟନ୍ତ କଡାକଡି ଯାଞ୍ଚ ଜାରି ରହିଛି।

## ଯୁବତୀଙ୍କୁ ପ୍ରତାରଣା, ଅଭିଯୁକ୍ତ ଗିରଫ

**ରଙ୍ଗେଇଲୁଣ୍ଡା,୫ ।୪(ସମିସ):** ଗୋଳନ୍ଥରା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ କରିବା ଅଭିଯୋଗରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ହିଞ୍ଜିଳି ଥାନା ଅନ୍ତର୍ଗତ ଖଣ୍ଡିରା ଗ୍ରାମର ଟିଟୁ ସ୍ୱାଇଁ(୨୩)। ପୁଲିସ ଉଭୟଙ୍କ ଡାକ୍ତରୀ ମାଇନା କରିଛି। ଅଭିଯୋଗ ଅନୁସାରେ ଗୋଳନ୍ଥରା ଥାନା ଅଧିନସ୍ଥ ଏକ ଗ୍ରାମରେ ଯୁବତୀ ଜଣକ ଭଡା ଘରେ ରହି ନାଟ୍ୟ କଳାକାର ରୂପେ କାମ କରୁଥିଲେ। ଟିଟୁ ଗତ ୬ ମାସ ତଳେ ଇନଷ୍ଟାଗ୍ରାମରେ ଯୁବତୀଙ୍କ ସହ ଯୋଡ଼ି ହୋଇଥିଲେ। ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଟିଟୁ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ କରିଥିଲେ। ଉଭୟ ଏକାଠି ରହୁଥିଲେ। ତେବେ ଯୁବତୀ ଜଣକ ଟିଟୁକୁ ବିବାହ କରିବା ପାଇଁ କହିବାରୁ ସେ ରାଜି ହୋଇନଥିଲେ। ତେଣୁ ଗତ ଶୁକ୍ରବାର ଯୁବତୀ ଜଣଙ୍କ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ପୁଲିସ କେସନଂ ୧୩୩/୨୬ ପ୍ରକାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଶନିବାର ଯୁବତୀ ବ୍ରହ୍ମପୁର ବଡ଼ ମେଡିକାଲରେ ଡାକ୍ତରୀ ମାଇନ କରିବା ପରେ ସେ ଗର୍ଭବତୀ ଥିବା ଜଣାପଡିଥିଲା। ବିଏନଏସ ୧୮୩ ଧାରା ଅନୁସାରେ ଯୁବତୀଙ୍କ ବୟାନ ରେକର୍ଡ କରାଯାଇଛି। ରବିବାର ଗୋଳନ୍ଥରା ପୁଲିସର ଏକ ଟିମ ଖଣ୍ଡରା ଗ୍ରାମରେ ଚଢ଼ଉ କରି ଟିଟୁକୁ କାବୁ କରିବା ସହ କୋର୍ଟଚାଲାଣ କରିଥିବା ନେଇ ତଦନ୍ତ କାରି ଅଧିକାରି ଗଗନ ବେହେରା କହିଛନ୍ତି।

## ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ





**ରମ୍ଭା,୫ ।୪(ସମିସ):** ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ-୨୦୨୬ କଞ୍ଚଣା କ୍ଲଷ୍ଟର ପକ୍ଷରୁ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, କଞ୍ଚଣାରେ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ତହସିଲଦାର ଡି.ମାଳେଶ୍ୱର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ଖଲ୍ଲିକୋଟ ବିଡିଓ ଦେବାଶିଷ ସାମଲ ସ୍ୱତନ୍ତ୍ର ଅତିଥି, ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଦ୍ର ନାରାୟଣ ସାହୁ, ବିଆରସିସି ସୁଷମା ଶବର, ପ୍ରାକ୍ତନ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବିନାରାୟଣ ସେଠୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ମହାରଣା, ସିଆରସିସି କୃଷ୍ଣଚନ୍ଦ୍ର ପରିଡ଼ା, ରାଜେନ୍ଦ୍ର ପ୍ରସାଦ ପଣ୍ଡା ପ୍ରମୁଖ ସମ୍ମାନୀତ ଅତିଥି ରୂପେ ଯୋଗ ଦେଇ ସମଗ୍ର ଶିକ୍ଷା ଅଭିଯାନର ଲକ୍ଷ୍ୟ ଆଭିମୁଖ୍ୟ, ସମସ୍ତଙ୍କ ପାଇଁ ବାଧ୍ୟତାମୂଳକ ଶିକ୍ଷା, ଅଧାରୁ ପାଠ ତ୍ୟାଗୀଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା, ଶିଶୁ ବାଟିକାର ସଫଳ ରୂପାୟନ, ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଆଦି ବହୁବିଧ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ।

**● ଗଞ୍ଜାମରେ ସ୍ୱତନ୍ତ୍ର ଗାଡ଼ି ଚେକିଂ ଅଭିଯାନ**

## ୧୪ ଦିନରେ ୧ କୋଟିରୁ ଊର୍ଦ୍ଧ୍ୱ ଜରିମାନା

**ଛତ୍ରପୁର,୫ ।୪(ସମିସ):** ବେପରୁଆ ଓ ନିୟମ ଉଲ୍ଲଙ୍ଘନ କରୁଥିବା ଗାଡି ଚାଳକଙ୍କୁ ସାବାଡ କରାଯିବ। ସଡକ ଦୁର୍ଘଟଣା ଓ ମୃତ୍ୟୁସଂଖ୍ୟା ହ୍ରାସ ଲକ୍ଷ୍ୟରେ ସ୍ୱତନ୍ତ୍ର ଧରପଗଡ଼ ଅଭିଯାନ ଜାରି ରହିଛି। ମାର୍ଚ୍ଚ ୨୧ ତାରିଖରୁ ଏପ୍ରିଲ ୧୦ ତାରିଖ ପ୍ରର୍ଯ୍ୟନ୍ତ ଜୋରଦାର ଧରପଗଡ ଜାରି ରହିବ।

ଏହିକ୍ରମରେ ଗଞ୍ଜାମ ପରିବହନ ବିଭାଗ ପକ୍ଷରୁ ଯାଞ୍ଚକୁ ଜୋରଦାର କରାଯାଇଛି। ଗଞ୍ଜାମ ପରିବହନ ବିଭାଗ ପକ୍ଷରୁ ୫ଟି ସ୍ୱତନ୍ତ୍ର ଟିମ ଗଠନ କରାଯାଇ ପୁଲିସ ଟିମ ସହ ନିୟୋଜିତ ରହିଥିବା ଗଞ୍ଜାମ ଆରଟିଓ ଇଂ.ଦେବାଶିଷ ସ୍ୱାଇଁ ସୂଚନା ଦେଇଛନ୍ତି। ଦ୍ରୁତଗତି, ନିଶାସକ୍ତ ଅବସ୍ଥାରେ ଗାଡି ଚାଳନା, ବିନା ହେଲମେଟରେ ବାଇକ ଚଲାଇବା, ନିୟମ ଉଲ୍ଲଙ୍ଘନ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ବ୍ୟାପକ ସଚେତନ ମଧ୍ୟ କରାଯାଉଛି। ସଡକ ସୁରକ୍ଷା ନିୟମ ନେଇ କଲେଜ, ବିଭିନ୍ନ ଛକ ମାନଙ୍କରେ ସଚେତନ କରାଯାଉଛି। ବିଭିନ୍ନ ଘାଟିରେ ମଧ୍ୟ ଯାଞ୍ଚ କଡାକଡି କରାଯିବା ସହ ରାସ୍ତାରେ ରେଡିୟମ ଲଗାଯିବା ସହ ବିହିତ ପଦକ୍ଷେପ ନିଆଯାଉଛି। ମାର୍ଚ୍ଚ ୨୧ ରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ ଏପ୍ରିଲ ୩ ତାରିଖ ମଧ୍ୟରେ ୨୧୫୪ ଚାଲାଣ କଟାଯାଇଥିବା ବେଳେ ବିନା ହେଲମେଟରେ ୧୨୦୧ ଜଣ ଧରାପଡିଛନ୍ତି, ୭୫ ଜଣ ମଧ୍ୟପାନ କରିଧରାପଡିଥିବା ବେଳେ ୮୯୪ ଜଣ ବିନା ଲାଇସେନ୍ସ ଗାଡି ଚଲାଉଥିବା ବେଳେ ଧରାପଡିଛନ୍ତି। ଅତ୍ୟଧିକ ବେଗରେ ୪୯୮ଜଣ, ଗାଡି ଚଲାଉଥିବା ବେଳେ ମୋବାଇଲ ଫୋନ ବ୍ୟବହାର ୭୫, ରାସ୍ତାର ବିପରୀତ ଦିଗରେ ୧୭ ଜଣ, ଓଭୋରଲୋଡ ୧୯ ଜଣ, ବିନା ଟ୍ୟାକ୍ସରେ ୬୦ ଜଣ ବିନା ଫିଟନେସରେ ୧୫୪ ଜଣ ଓ ପଲୁସନ ନଥାଇ ୧୯ ଗାଡି ଧରାପଡିଥିବା ଗଞ୍ଜାମ ଆରଟିଓ ଇଂ.ଦେବାଶିଷ ସ୍ୱାଇଁ ସୂଚନା ଦେଇଛନ୍ତି । ୨୧୫୪ଟି ଚାଲାଣ ବାବଦରେ ୧ କୋଟି ୪୦ ଲକ୍ଷ ୫୪ ହଜାର ୫୧୬ ଟଙ୍କା ଜରିମାନା ପକାଯାଇଛି । ମାର୍ଚ୍ଚ ମାସରେ ୯୩ଜଣଙ୍କ ଗାଡ଼ି ଲାଇସେନ୍ସ ସସ୍‌ପେଣ୍ଡ କରାଯାଇଛି। ଗଞ୍ଜାମ ଆର୍‌ଟିଓଙ୍କୁ ୧୦୭ କୋଟି ଟଙ୍କାର ରାଜସ୍ୱ ଆଦାୟ କରିବାକୁ ଲକ୍ଷ୍ୟଧାର୍ଯ୍ୟ ଦିଆଯାଇଥିବା ବେଳେ ୧୦୮ କୋଟିରୁ ଉର୍ଦ୍ଧ ଟଙ୍କାର ରାଜସ୍ୱ ଆଦାୟ କରାଯାଇଥିବା ଆରଟିଓଙ୍କ ପକ୍ଷରୁ ସୂଚନା ମିଳିଛି।

# ଆଲୋକମାଳାରେ ଝଲସୁଛି ତାମ୍ପରା ହ୍ରଦ



**ପର୍ଯ୍ୟଟକଙ୍କ ମନମୋହୁଛି ସାଂସ୍କୃତିକ ସନ୍ଧ୍ୟା**





**ଛତ୍ରପୁର,୫ ।୪(ସମିସ):** ସଜେଇ ହେବା ସହିତ ଆଲୋକମାଳାରେ ଝଲସି ଉଠୁଛି ଗଞ୍ଜାମ ଜିଲ୍ଲାର ତାମ୍ପରା ହ୍ରଦ। ଏଠାକୁ ରାଜ୍ୟ ଏବଂ ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ସେମାନଙ୍କୁ ଆକୃଷ୍ଟ କରିବା ଲାଗି ଜିଲ୍ଲା ପ୍ରଶାସନ ପକ୍ଷରୁ ନିଆ ଯାଇଛି ବିଭିନ୍ନ ପଦକ୍ଷେପ। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ନିମନ୍ତେ ରବିବାର ଠାରୁ ଆରମ୍ଭ ହୋଇଛି ତାମ୍ପରା ତରଙ୍ଗିଣୀ ସାଂସ୍କୃତିକ କାର୍ଯ୍ୟକ୍ରମ। ଏହାଦ୍ୱାରା ଅଞ୍ଚଳର କଳାକାରମାନେ ନିଜ ନିଜ ପ୍ରତିଭା ଦେଖାଇବା ସହିତ ପର୍ଯ୍ୟଟକ ଏବଂ ତାମ୍ପରାକୁ ଆସୁଥିବା ଦର୍ଶକ ମାନେ ମନ ଖୋଲି ମଜା ନେଇଥିବାର ଆଜି ଦେଖିବାକୁ ମିଳିଛି। ଏହି ଅବସରରେ ଛତ୍ରପୁରର କଳା ବିକାଶ କେନ୍ଦ୍ର, ଡ଼ିଏସ ଆର ଡ୍ୟାନ୍ସ ଏକାଡେମୀ ଓ ନଟରାଜ କଳା କେନ୍ଦ୍ରର କଳାକାର ମାନେ ଓଡିଶୀ, କୁଚିପୁଡ଼ି, ଭଜନ ସହିତ ଆଧୁନିକ ନୃତ୍ୟ ପରିବେଷଣ କରିଥିଲେ। କାହ୍ନୁ ରାଉତ ସଂଯୋଜନା କରିଥିଲେ। ରାଜ୍ୟ ବାହାରୁ ଏବଂ ଜିଲ୍ଲା ବାହାରୁ ଏଠାକୁ ଦୈନିଦିନ ବହୁ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି। ବହୁ ପର୍ଯ୍ୟଟକ ଏଠାକାର ବୋଟିଂ କରିବା ସହ ପାର୍ଶ୍ୱରେ ଥିବା ପାର୍କର ମଧ୍ୟ ମଜା ନେଉଛନ୍ତି। ପର୍ଯ୍ୟଟକଙ୍କ ବୋଟିଂରେ କିଛି ଯେପରି କୌଣସି ଲୋକ କ୍ଷତି ହେବନାହିଁ ସେଥିନିମନ୍ତେ ସମସ୍ତଙ୍କୁ ଲାଇଫ ଜ୍ୟାକେଟ ବିନା ବୋଟିଂକୁ ଛଡା ଯାଉନି। ଏଥିସହ ଅନ୍ୟାନ୍ୟ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ଓଡ଼ିଆରେ ନାମଫଳକ ଲେଖା ଅଭିଯାନ



**ଛତ୍ରପୁର,୫ ।୪(ସମିସ):** ଏପ୍ରେଲ ୧ରୁ ୧୪ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ ଅବସରରେ ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ ପକ୍ଷରୁ ଓଡ଼ିଆରେ ନାମ ଫଳକ ଲେଖା ଅଭିଯାନ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରାକୁ ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଛତ୍ରପୁର ଶ୍ରମ ଅଧିକାରୀ ବର୍ଷାରାଣୀ ଜେନାଙ୍କ ସମେତ ଶ୍ରମ କାର୍ଯ୍ୟାଳୟ ସମସ୍ତ କର୍ମଚାରୀ ଏବଂ ନିର୍ମାଣ ଶ୍ରମିକ, ସ୍ୱେଚ୍ଛାସେବୀ ସାମିଲ ଥିଲେ।

## ଅପହରଣ ଓ ଆକ୍ରମଣ ଘଟଣାରେ ୪ ଗିରଫ

# କାତି ସହ ବାଇକ୍ ଓ କାର୍ ଜବତ

ପୋଲସରା,୫।୪(ସମିସ)

ପୋଲସରା ଥାନା ଅଧୀନ ଫକଲବାଡି ମଙ୍ଗଳପୁର ଗ୍ରାମରେ ଜଣେ ଯୁବକଙ୍କୁ ଅପହରଣ କରି ୫ ଲକ୍ଷ ଟଙ୍କା ଦାବି ହୋଇଥିଲା। ଏଥିସହ ଟଙ୍କା ନଦେଲେ ହତ୍ୟା କରିବା ଧମକ ଦିଆଯାଇଥିଲା। ଏହି ମାମଲାରେ ପୁଲିସ ୪ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ପୋଲସରା ଥାନା ବଡ ଫକଲବାଡି ମଙ୍ଗଳପୁର ଗ୍ରାମର ଜଗନ୍ନାଥ ଗୌଡ଼ (୨୭), କୋଦଳା ଥାନା ଜେ.ରାମପଲ୍ଲୀ ଗ୍ରାମର ସଞ୍ଜୟ ପାଲଟା(୨୬), ପୁରୁଷୋତ୍ତମପୁର ଥାନା ବାହାଲପଲ୍ଲୀ ଗ୍ରାମର ଆଶିଷ କୁମାର ରାଉତ (୩୨), ଛତିଶଗଡ଼ ଯାଞ୍ଜଗିରି ଚମ୍ପା ଜିଲ୍ଲା ସିଲଖାନ ଗ୍ରାମର ଭୁବନ ଭରଦ୍ୱାଜ (୨୫)। ଏଥି ସହିତ ସେମାନଙ୍କ ନିକଟରୁ ଗୁଜୁରାଟ ନମ୍ବର ଥିବା ଏକ ସ୍କୋଡା କାର, ବଜାଜ ପଲସର ବାଇକ ସହ ଖଣ୍ଡା, କାତି ଓ ଛୁରୀ ଭଳି ବିଭିନ୍ନ



ମାରଣାସ୍ତ୍ର ଜବତ କରିଛି। ପୋଲସରା ଥାନାଧିକାରୀ କୌଶିକ ମାଝୀଙ୍କ ସୂଚନା ପ୍ରକାରେ ଗତ ମାସ ୨୯ ତାରିଖ ରାତିରେ ପୋଲସରା ଥାନା ଅନ୍ତର୍ଗତ ବଡ଼ ପଙ୍କଲବାଡି ଗ୍ରାମର ଶିବ ପ୍ରସାଦ ମହାପାତ୍ର ଓ ତାଙ୍କ ଭାଇ ଶଙ୍କର ନିଜ ଫାଷ୍ଟଫୁଡ ଦୋକାନ ବନ୍ଦ କରିବା ସମୟରେ ସେହି ଗ୍ରାମର ଜଗନ୍ନାଥ ଗୌଡ଼ ଓ ଅନ୍ୟ ୩ ଜଣ ଗୋଟିଏ କାରରେ ଆସି ଛୁରୀ ଦେଖାଇ ଶଙ୍କରକୁ ଅପହରଣ କରି ନେଇଥିଲେ। ୫ ଲକ୍ଷ ଟଙ୍କା ଦେଲେ ଶଙ୍କରକୁ ଛାଡ଼ିବେ ନହେଲେ ଜୀବନରେ ମାରିଦେବେ ବୋଲି ଧମକ ଦେଇ ଶଙ୍କରକୁ ନେଇ ଚାଲି ଯାଇଥିଲେ। ୩୦ ତାରିଖ ସକାଳେ ଗାଁ ଠାରୁ ୫ କିଲୋମିଟର ଦୂର ମଥୁରା ଗ୍ରାମର କାଳି ମନ୍ଦିର ନିକଟରେ ଶଙ୍କର ଗୁରୁତର ଅବସ୍ଥାରେ ପଡ଼ିଥିବା ଖବର ମିଳିଥିଲା। ପରିବାର ଲୋକେ ଶଙ୍କରଙ୍କୁ ଉଦ୍ଧାର କରିବା ସହିତ ପୋଲସରା ଥାନାରେ ଏତଲା ଦେଇଥିଲେ। ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରିବା ସହିତ ତଦନ୍ତ ଜାରି ରଖିଥିଲେ।

## ଟ୍ରକ୍ ଚକତଳେ ପଡ଼ି ମହିଳା ମୃତ, ୩ ଗୁରୁତର

ପୁରୁଷୋତ୍ତମପୁର,୫।୪(ସମିସ): ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ପୁରୁଷୋତ୍ତମପୁର - ଭୂତସରସିଙ୍ଗ ରାଜ୍ୟ ରାଜପଥ ମଧ୍ୟରେ ରବିବାର ସନ୍ଧ୍ୟାରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ମହିଳାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଛି। ଅନ୍ୟ ୩ ଗୁରୁତରଙ୍କୁ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଗୁରୁବାରିଆ ଶବର ଓଡି ୦୭ ଏ ୱାଇ ୦୧୧୪ ନମ୍ବର ବିଶିଷ୍ଟ ଗାଡ଼ିରେ ସ୍ତ୍ରୀ ସୁଷମା ଶବର(୩୬), ପୁଅ ନିଖିଲ(୮), ଝିଅ ଇହଗନ(୬)ଙ୍କୁ ନେଇ ବ୍ରହ୍ମପୁରରୁ ପୋଲସରା ଯାଉଥିଲେ। ତେବେ ପୁରୁଷୋତ୍ତମପୁର-ଭୂତସରସିଙ୍ଗ ରାସ୍ତାରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାଣି ପାଇପ୍ ବିଛାଇବା ପାଇଁ ରାସ୍ତା ଖୋଳି ଦିଆଯାଇଥିବା ସ୍ଥାନରେ ଦୁର୍ଘଟଣା ଘଟିଥିଲା। ବର୍ଷା ଯୋଗୁଁ ରାସ୍ତା କାଦୁଅ ହୋଇଥିବାରୁ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତା ଉପରେ ପଡ଼ିଯିବା ଫଳରେ ବାଇକ୍‌ରେ ବସିଥିବା ସମସ୍ତେ ପଡ଼ିଯାଇଥିଲେ। ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ୍ (ଓଡି ୦୭ଏପି ୪୯୪୦) ସୁଷମାଙ୍କୁ ମାଡ଼ିଯାଇଥିଲା। ଗୁରୁତର ସ୍ୱାମୀ ଗୁରୁବାରିଆ, ପୁଅ ନିଖିଲ, ଝିଅ ଇଭାନଜେଲି କୁ ଅଗ୍ନିଶମ ଗାଡିରେ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପୁରୁଷୋତ୍ତମପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୋଟରସାଇକଲ ଓ ଟ୍ରକ୍‌କୁ ଜବତ କରି ଅଧିକ ତଦନ୍ତ କରୁଥିବା ଥାନା ଅଧିକାରୀ କୁଳମଣି ସେଠୀ ସୂଚନା ଦେଇଛନ୍ତି। ଗୁରୁବାରିଆ ଶବରଙ୍କ ବେଗୁନିଆପଡ଼ା ଥାନା ଅନ୍ତର୍ଗତ ଖୁଣ୍ଟିଆ ତୋଟା ଗ୍ରାମ ସାରୁ ବନ୍ଧ ବାସିନ୍ଦା ବୋଲି ଜଣାପଡ଼ିଛି। ସେ ପୋଲସରା ବ୍ଲକ୍‌ରେ ପ୍ରାଥମିକ ଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ଜଣାପଡ଼ିଛି।

## ଦିଗପହଣ୍ଡିରେ କାଳବୈଶାଖୀ
## ବଜ୍ରପାତରେ ୨ ମଇଁଷି ମୃତ

ଦିଗପହଣ୍ଡି,୫।୪(ସମିସ): ଦିଗପହଣ୍ଡି ସହର ସମେତ ଆଖପାଖ ଅଞ୍ଚଳରେ ରବିବାର କାଳ ବୈଶାଖୀ ପ୍ରଭାବରେ ଘନ ଘନ ବଜ୍ରପାତ ସାଙ୍ଗକୁ କୁଆପଥର ସହ ଝଡ଼ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା। ବଜ୍ରପାତରେ ଦିଗପହଣ୍ଡି ବ୍ଲକ ଚୌଧୁରୀ ଟିକରପଡା ପଞ୍ଚାୟତ ବଜ୍ରଗୁମ୍ଫା ଗ୍ରାମର ଭାଗିରଥି ଗୌଡ଼ଙ୍କ ୨ଟି ମଇଁଷି ମୃତ୍ୟୁବରଣ କରିଥିବା ଜଣାପଡିଛି । ଭାଗିରଥି ଅପରାହ୍ନରେ ମଇଁଷିଙ୍କୁ ଚରାଇବାକୁ ଗାଁ ନିକଟସ୍ଥ ବାହୁଦା ନଦୀତଟକୁ ନେଇଥିଲେ। ଅପରାହ୍ନ ପ୍ରାୟ ୩ ଟାରେ ମେଘ ପବନ ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିଲା। ବଜ୍ରପାତ ପ୍ରଭାବରେ ମଇଁଷି ୨ଟି ସେଠାରେ ଟଳି ପଡ଼ିଥିଲେ। ଖବରପାଇ ଭ୍ରମରପୁର ଲାଇଭ ଷ୍ଟକ୍ ଇନ୍ସପେକ୍ଟର ବାଳକୃଷ୍ଣ ପ୍ରଧାନ ଓ ଅନ୍ୟ କର୍ମଚାରୀ ବୃନ୍ଦ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଥିବା ବେଳେ ସୋମବାର ମୃତ ମଇଁଷି ଦ୍ୱୟର ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି। ଭାଗିରଥି ଜଣେ ଗରିବ ଶ୍ରେଣୀର ହୋଇଥିବାରୁ ଗ୍ରାମର ସାମାଜିକ କର୍ମୀ ସୁଶାନ୍ତ କୁମାର ଷଡଙ୍ଗୀ ଓ ଗ୍ରାମବାସୀ ସରକାରୀ ସହାୟତା ଯୋଗାଇ ଦେବାପାଇଁ ଦିଗପହଣ୍ଡି ତହସିଲଦାର ସନ୍ତୋଷ କୁନାର ସାହୁଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି। ଦିଗପହଣ୍ଡି ଓ ସାନଖେମୁଣ୍ଡି ବ୍ଲକ ଅଧିନ ଅନେକ ଗ୍ରାମାଞ୍ଚଳରେ ଭୀଷଣ ପବନ ସାଙ୍ଗକୁ କାଳବୈଶାଖୀର ଭୀମ ତାଣ୍ଡବ ଯୋଗୁଁ ଚାଳ ଓ ଟିଣ ଘର ଉଡ଼ିଯାଇଛି। ରାସ୍ତା କଡରେ ଥିବା ଗଛ ଉପୁଡ଼ି ପଡ଼ିବା ସହ ଗଛ ଡାଳ ଭାଙ୍ଗି ପଡ଼ିବାରୁ ରାସ୍ତା ଅବରୋଧ ହୋଇଥିଲା। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗଛ କାଟିବାରୁ ରାସ୍ତାରେ ଲୋକେ ଚଳପ୍ରଚଳ ହୋଇଥିବା ଜଣାପଡିଛି। କୁଆପଥର ମାଡରେ ଗ୍ରାମାଞ୍ଚଳ ମାନଙ୍କରେ ପନିପରିବା ଓ ଆମ୍ବ ଝଡି ପଡିଛି।

## ପିଲାଙ୍କୁ ଖଡ଼ି ଛୁଆଁଇଲେ ଜିଲ୍ଲାପାଳ



ଛତ୍ରପୁର,୫।୪(ସମିସ): ଛତ୍ରପୁର ବ୍ଲକ ଅନ୍ତର୍ଗତ ଅଗସ୍ତିନୂଆଗାଁ ପଞ୍ଚାୟତର ସାନନୋଳିଆନୂଆଗାଁ ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଗଞ୍ଜାମ ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହିତ ପିଲା ମାନଙ୍କୁ ପାରମ୍ପରିକ ରୀତିନୀତି ଅନୁସାରେ ସିଲଟ ଧରି ଚକ ଖଡ଼ିରେ ପିଲା ମାନଙ୍କ ହାତ ଧରି ଜିଲ୍ଲାପାଳ ଖଡ଼ିଛୁଆଁଇ ଥିଲେ। ଏହା ସହିତ ସେମାନଙ୍କୁ ମିଷ୍ଟାନ ବାଣ୍ଟିଥିଲେ। ପରେ ପିଲା ମାନଙ୍କ ରଙ୍ଗୋଲି ପାପୁଲି ଛାପ ବିଦ୍ୟାଳୟ କାନ୍ଥରେ ଲଗାଇଥିଲେ। ଏହି ଅବସରରେ ଜିଲ୍ଲାପାଳ ଏକ ସଚେତନତା ରଥକୁ ମଧ୍ୟ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଛତ୍ରପୁର ଉପଜିଲ୍ଲାପାଳ ଶିବା ଶିଷ ବରାଳ, ଛତ୍ରପୁର ବିଡ଼ିଓ ସମ୍ବିତ ସଂଗ୍ରାମଜିତ ସାହୁ, ଅଗସ୍ତିନୂଆଗାଁ ସରପଞ୍ଚ ଉର୍ମିଳା ଦାସ, ଜିଲ୍ଲା ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଏସ. ଧନଞ୍ଜୟ, ଛତ୍ରପୁର ବିଇଓ ସୁଜିତ କୁମାର ପାଢ଼ୀ, ଏବିଇଓ ନମିତା ରାଉତ, ସମଗ୍ର ଶିକ୍ଷା ଅଭିଯାନର ଜିଲ୍ଲା ଶୈକ୍ଷିକ ସଂଯୋଜକ ଡ଼ଃ ସନ୍ତୋଷ କୁମାର ପଣ୍ଡା, ଜିଲ୍ଲା ଅନୁସୂଚିତ ଜାତି / ଜନ ଜାତି ସଂଯୋଜକ ଡ଼ଃ ସରୋଜ ମୋହନ ପାଳ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବାଣିଶ୍ରୀ ମହାରଣା, ସିଆରସିସି ଆର. ଲିସ୍ମାଙ୍କ ସହ ଗ୍ରାମ୍ୟ କମିଟି, ଏସଏମସି କମିଟି ଏବଂ ସମସ୍ତ ସିଆରସିସି ଓ ବିଦ୍ୟାଳୟ ଶିକ୍ଷକଶିକ୍ଷୟିତ୍ରୀ ସାମିଲ୍ ହୋଇଥିଲେ।

## ଜନଗଣନା ସଚେତନତା ରଥ ଉଦ୍‌ଘାଟିତ



ଦିଗପହଣ୍ଡି,୫।୪(ସମିସ): ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟ ପକ୍ଷରୁ ଜାତୀୟ ଜନଗଣନା ୨୦୨୬ ସଚେତନତା ରଥ ପରିକ୍ରମା ଶୁଭାରମ୍ଭ କରାଯାଇଛି। ରଥ ପରିକ୍ରମା କାର୍ଯ୍ୟକ୍ରମକୁ ତହସିଲଦାର ସନ୍ତୋଷ କୁମାର ସାହୁ ଉଦଘାଟନ କରିଥିଲେ। ଅତିରିକ୍ତ ତହସିଲଦାର ଆଶିଷ କୁମାର ନାୟକ, କାଳୀ ପ୍ରସାଦ ଧଳ, ସେକ୍ସନ ଅଧିକାରୀ ମୁରଲୀଧର ଦଳାଇ ଏବଂ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଏହି ରଥ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ସ୍ୱ-ଗଣନା ଏବଂ ୧୬ ତାରିଖ ଠାରୁ ମଇ ୧୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଗୃହ-ଗଣନା ସମ୍ବନ୍ଧରେ ଜନସାଧାରଣଙ୍କୁ ସଚେତନ କରାଇବ ବୋଲି ତହସିଲଦାର କହିଛନ୍ତି।

## ଦାରିଙ୍ଗବାଡ଼ିର ବିଭିନ୍ନ ଚର୍ଚ୍ଚରେ ପୁନରୁତ୍ଥାନ ପର୍ବ

ଦାରିଙ୍ଗବାଡ଼ି,୫।୪(ସମିସ): ଦାରିଙ୍ଗବାଡ଼ି ବ୍ଲକର ବିଭିନ୍ନ ଅଞ୍ଚଳରେ ପୁନରୁତ୍ଥନ ପର୍ବ ପାଳନ କରାଯାଇଛି। ଦାରିଙ୍ଗବାଡି ରୋମାନ୍ କ୍ୟାଥଲିକ ଚର୍ଚ୍ଚରେ ମୁଖ୍ୟଯାଜକ କରୁଣାକର ଦିଗାଲଙ୍କ ପୌରହିତ୍ୟରେ ପୁନରୁତ୍ଥାନ ପର୍ବ ପାଳିତ ହୋଇଥିଲା। ଯାଜକ ନିଜ ବକ୍ତବ୍ୟରେ ପ୍ରଭୁ ଯୀଶୁ ସ୍ୱୟଂ ଈଶ୍ୱର ହୋଇଥିବାରୁ ଶୁଭ ଶୁକ୍ରବାର ଦିନ କ୍ରୁଶରେ ଇଚ୍ଛା ମୃତ୍ୟୁଭୋଗ କରି ମୃତ୍ୟୁ ଲୋକରେ ପହଞ୍ଚିଲେ ଓ ବନ୍ଦୀ ଆତ୍ମାଙ୍କୁ ମୁକ୍ତ କଲେ। ସେ ସ୍ୱୟଂଜୀବ ହୋଇଥିବାରୁ ପୁନରୁତ୍ଥାନ ଦିବସରେ ନିଜ ମୃତଦେହ ମଧ୍ୟକୁ ପ୍ରବେଶ କରି ପୁନର୍ଜୀବିତ ହେଲେ। ସେ ଆଉ କଦାପି ମରିବେ ନାହିଁ। ସେ ନିତ୍ୟଜିବି ହୋଇ ପିତାଙ୍କ ଦକ୍ଷିଣ ପାଶ୍ୱର୍ରେ ଉପବିଷ୍ଟ। ତେଣୁ ସେ ହିଁ ଆମ୍ଭମାନଙ୍କର ଅନନ୍ତ ଜୀବନର କର୍ତ୍ତା ବୋଲି କହିଥିଲେ। ଉତ୍ସବରେ ସେବା ଭଗ୍ନି, ଗ୍ରାମ କମିଟିର ସଦସ୍ୟ ବୃନ୍ଦ, ସ୍ଥାନୀୟ ଖ୍ରୀଷ୍ଟ ବିଶ୍ୱାସୀ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ଦାରିଙ୍ଗବାଡ଼ି ଚର୍ଚ୍ଚ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ରମାକାନ୍ତ ବଳିଆରସିଂ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ। ଅକ୍ଷୟ ପରିଚ୍ଛା ଓ ତାଙ୍କ ଦଳ ସଙ୍ଗୀତ ପରିଚାଳନା କରିଥିବା ବେଳେ ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି ପ୍ରାର୍ଥନା କରିଥିଲେ।

## ବ୍ଲକ୍‌ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ



ରଙ୍ଗେଇଲୁଣ୍ଡା,୫।୪(ସମିସ): କନିଷି ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଖଣି ଇସ୍ପାତ ଓ ବାଣିଜ୍ୟ ପରିବହନ ମନ୍ତ୍ରୀ ଶିକ୍ଷା ପ୍ରତିନିଧି ଗଙ୍ଗାଧର ଶତପଥୀ, ସୁନୀଲ ପାତ୍ର, ରଙ୍ଗେଇଲୁଣ୍ଡା ବିଇଓ ଦେବେନ୍ଦ୍ର ବେହେରା, ମନ୍ତ୍ରୀ ବ୍ଲକ୍ ପ୍ରତିନିଧି ବ୍ରଜମୋହନ ନାୟକ ଓ ଅନ୍ୟମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶୁଭାରମ୍ଭ କରି ଅତିଥିମାନେ କାର୍ଯ୍ୟକ୍ରମର ମାର୍ଗଦର୍ଶନ, ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ଆଲୋଚନ କରିଥିଲେ। ଏହି ଅବସରରେ ଶିକ୍ଷା ସଚେତନ ରଥକୁ ଅତିଥିମାନେ ଆରମ୍ଭ କରିଥିଲେ। ୧୧ ଶିଶୁମାନଙ୍କୁ ବିଦ୍ୟାଳୟରେ ସ୍ୱାଗତ କରି ସେମାନଙ୍କ ନାମ ଲେଖାଇବା ସହ ଖଡ଼ିଛୁଆଁ ଆରମ୍ଭ ହୋଇଥିଲା। ଏହି ଅବସରରେ ବ୍ୟାଗ, ସିଲଟ, ଚକ, ବିସ୍କୁଟ ପ୍ରଦାନ କରାଯଇଥିଲା। ବିଦ୍ୟାଳୟ ପ୍ରଧାନଶିକ୍ଷାକ ସନ୍ତୋଷ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ଏହି ଅବସରରେରେ ଏବିଇଓ କୁସୁମ ପାଢ଼ୀ, ସୁକାନ୍ତ ଜେନା, ପରିଚାଳନା କମିଟି ସଭାପତି ବି. ଗଣେଶ ପାତ୍ର, ସିଆରସିସି ବିରୁପକ୍ଷ ବେହେରା, ରଜତ ପଣ୍ଡିତ, ବିଦ୍ୟାଳୟ ଶିକ୍ଷକ, ଶିକ୍ଷୟିତ୍ରୀ, ୧୬ ଟି ସିଆରସିସି, ବୁଦ୍ଧିଜୀବୀ, ଗ୍ରାମବାସୀ ଓ ଅନ୍ୟ ମାନେ ଯୋଗ ଦେଇଥିଲେ।

## ଅଲ ଓଡ଼ିଶା ଦଳିତ ସମାଜ କଲ୍ୟାଣ ପରିଷଦର ଶ୍ରଦ୍ଧାଞ୍ଜଳି ସଭା



ବ୍ରହ୍ମପୁର,୫।୪(ସମିସ): ଅଲ ଓଡିଶା ଦଳିତ ସମାଜ କଲ୍ୟାଣ ପରିଷଦର ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପରିଷଦର ଜିଲ୍ଲା କୋଷାଧ୍ୟକ୍ଷ ସ୍ୱର୍ଗତ ଦିଲ୍ଲୀପ ହାତୀଙ୍କ ଏକାଦଶାହ ଅବସରରେ ତାଙ୍କ ସ୍ଥିତ ବାସଭବନରେ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଯାଇଛି। ଦଳିତ ନେତା ତଥା ସମାଜସେବୀ ଚିନ୍ତାମଣି ନାୟକ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସାମ୍ବାଦିକ ସୁଦୀପ କୁମାର୍ ସାହୁ ଯୋଗ ଦେଇ ସ୍ୱର୍ଗତ ହାତୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରିଷଦର ଜିଲ୍ଲା ନେତୃବୃନ୍ଦ ଓ ବହୁ ସାମାଜିକ ସଂଗଠନର ବିଶିଷ୍ଟ ବ୍ୟକ୍ତିବିଶେଷ ଏବଂ ସେବକ ନଗର ଉନୟନ ସଂଘର କୁଳାଧିକାରୀ ଓ ସାହି ବାସିନ୍ଦା ଅନୁରୁପ ଏଠାରେ ଉପସ୍ଥିତ ଅମର ଆତ୍ମାର ସଦଗତି ଲାଗି ୨ମିନିଟ ନିରବ ପ୍ରାର୍ଥନା କରି ସ୍ୱର୍ଗତ ହାତୀଙ୍କ ସ୍ମୃତି ଚାରଣ କରିଥିଲେ। ଶ୍ରଦ୍ଧାଞ୍ଜଳି ସଭା ପରିଷଦ ସଭାପତି ମନୋରଞ୍ଜନ ନିମାଇଁ, ସେବକ ନଗର ଉନ୍ନୟନ ସଂଘର ସଭାପତି ସୁରଥ ନନ୍ଦ, କାରଗିଲ ସ୍ପୋର୍ଟିଂ କ୍ଲବର ଅଧିନାୟକ ଅମିୟ କୁମାର ବେହେରା, ସୁକାନ୍ତ ଘଡେଇ, ରୋହିତ ନାୟକ, ରାଜେଶ ନାୟକ, ସିମାଞ୍ଚଳ ନାୟକ, ନିରଞ୍ଜନ ନାୟକ, ସୁଧୀର ଦାଶ ଓ ଟିପୁ ବେହରା ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକ୍‌ସ୍ତରୀୟ ପ୍ରବେଶ ଉତ୍ସବ



ଫିରିଙ୍ଗିଆ,୫।୪(ସମିସ): ରାଜ୍ୟ ଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ବିଦ୍ୟାଳୟ ମାନଙ୍କରେ ପ୍ରବେଶଉତ୍ସବ ଓ ଖଡ଼ିଛୁଆଁ ଉତ୍ସବ ପାଳନ କରାଯାଇଥିବା ବେଳେ ଅନୁରୂପ ଭାବରେ ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଲୋକ କୁମାର ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଞ୍ଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ନୂତନ ଭାବରେ ବାଲ ବାଟିକାରେ ନାମ ଲେଖାଇଥିବା କୁନିକୁନି ଛାତ୍ରଛାତ୍ରୀଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯିବା ସହ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ପରେ ପାରମ୍ପରିକ ରୀତିନୀତି ଭାବେ ଛାତ୍ରଛାତ୍ରୀଙ୍କ ଖଡ଼ିଛୁଆଁ ପର୍ବ ପାଳନ କରାଯାଇଥିଲା। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କୁମାରୀ ପୁନମଙ୍କ ସହ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ସହ ଛାତ୍ରଛାତ୍ରୀଙ୍କ ଅଭିଭାବକ ଉପସ୍ଥିତ ଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ନୂତନ ଭାବରେ ବିଦ୍ୟାଳୟରେ ପାଦ ଥାପିଥିବା ଛାତ୍ରଛାତ୍ରୀଙ୍କ ସହ ଅଭିଭାବକ ଖୁସିବ୍ୟକ୍ତ କରିଥିଲେ।

## ପଞ୍ଚ ଶମ୍ଭୁ ଓ ପଞ୍ଚକାଳୀଙ୍କ ମହାମିଳନ

ବୁଗୁଡା,୫।୪(ସମିସ): ବୁଗୁଡ଼ା ବ୍ଲକ୍ ଅନ୍ତର୍ଗତ ବାଲିପଦର ଠାରେ ଧାନ ମିଲ୍ ମାଲିକ ତ୍ରିନାଥ ସାସମଲଙ୍କ ମାନସିକ ପଞ୍ଚଦଣ୍ଡ ମହାମିଳନ ବାଲିପଦର ଠାରେ ପାଳିତ ହୋଇ ଯାଇଛି। ପ୍ରଥମେ ଗହଙ୍ଗୁ, ଏ.କରଡାବାଡି, ସୁନାକେରା, ବଣପଲ୍ଲୀ, ପଙ୍କଲବାଡି ଦଣ୍ଡ ମାନସିକଧାରୀଙ୍କ ବାସଭବନଠାରେ ନୀତି ନିୟମ ପୂର୍ବକ ବରଣ ହୋଇଥିଲା। ତାପରେ ମଧ୍ୟାହ୍ନରେ ଧୂଳିଦଣ୍ଡ ସମାପନ ପରେ ସାମନ୍ତରା ବନ୍ଧ ଠାରେ ପାଣିଦଣ୍ଡ ଭାଙ୍ଗି ଅଗ୍ନିଦଣ୍ଡ ସହ କର୍ତ୍ତା ତ୍ରିନାଥ ସାସମଲଙ୍କ ବାସଭବନ ଠାରେ ପଞ୍ଚଦଣ୍ଡ ମହାମିଳନ କରି ସେଠାରୁ ବାଲିପଦର ଜଙ୍କସନ୍ ଓ ମକର ପଡିଆ ଠାରେ ପହଞ୍ଚିଥିଲେ। ଉକ୍ତ ସ୍ଥାନରେ ଢୋଲ,ଝାଞ୍ଜ, ଘଣ୍ଟ ବାଦ୍ୟର ତାଳେ ତାଳେ ହରିବୋଲ, ହୁଳହୁଳି ନାଦରେ ଅଗ୍ନିଦଣ୍ଡ ଖେଳ ସହ କଳା ରୁଦ୍ର ମଣିଙ୍କୁ ଭଜହେ ନାରାରେ ପଞ୍ଚ ଶମ୍ଭୁ ପଞ୍ଚ କାଳୀ, ପଞ୍ଚ ଚମ୍ପାବର, ଆଦି ପଞ୍ଚଦଣ୍ଡର ମହାସମାରୋହରେ ମହାମିଳନ ହୋଇଥିଲା। ପୁଲିସ ଶାନ୍ତିଶୃଙ୍ଖଳା ରକ୍ଷା କରିବାରେ ସହଯୋଗ କରିଥିଲା।

## ଈଶାଣେଶ୍ୱର ଅଟୋ ଚାଳକ ସଙ୍ଘ ଗଠିତ

ରଙ୍ଗେଇଲୁଣ୍ଡା,୫।୪(ସମିସ): ଗଞ୍ଜାମ ଜିଲ୍ଲା ଗୋଳନ୍ଥରା ସ୍ଥିତ ଈଶାଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଈଶାଣେଶ୍ୱର ସେରିଙ୍ଗ ଅଟୋ ଚାଳକ ସଙ୍ଘ ଗଠନ ସହ କର୍ମକର୍ତ୍ତା ଚୟନ ହୋଇଯାଇଛି। ମନ୍ଦିର ପ୍ରାଙ୍ଗଣରେ ୩୦ରୁ ଉର୍ଦ୍ଧ୍ୱ ଅଟୋ ମାଲିକ ଓ ଚାଳକ ପକ୍ଷରୁ ଏକ ବୈଠକ କରାଯାଇଥିଲା। ବୈଠକରେ ସଭାପତି ଭାବେ ଏସ.ସନ୍ତୋଷ ରାଓ ଏବଂ ଉପସଭାପତି ଭାବେ ନୀଳମାଧବ ପାଠୀଙ୍କୁ ଚୟନ କରାଯାଇଥିଲା। ସେହିପରି ସମ୍ପାଦକ ଏମ. କିରଣ କୁମାର, ସହସମ୍ପାଦକ ଜି.ନରସିଂହ ରାଓ ଏବଂ କୋଷାଧ୍ୟକ୍ଷ ଭାବେ କେ. ରାମୁଙ୍କୁ ଚୟନ କରାଯାଇଥିଲା। ବୈଠକରେ ଅଟୋ ମାଲିକ, ଚାଳକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିବା ବେଳେ ଯାତ୍ରୀମାନେ କିପରି ସବୁ ସମୟରେ ସୁଲଭ ଦରରେ ଅଟୋର ସେବା ପାଇ ପାରିବେ ସେ ଦିଗରେ ଆଲୋଚନା ହୋଇଥିଲା। ସମ୍ପାଦକ କିରଣ କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

## ଦିଗପହଣ୍ଡିରେ 'ଆମ ପୋଷାକ, ଆମ ପରିଚୟ' କାର୍ଯ୍ୟକ୍ରମ




ଦିଗପହଣ୍ଡି,୫।୪(ସମିସ): ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ "ଆମ ପୋଷାକ ଆମ ପରିଚୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଆ ପକ୍ଷ ୨୦୨୬ ପାଳନ ଅବସରରେ ଆୟୋଜିତ ଆଲୋଚନା ସଭାରେ ତହସିଲଦାର ସନ୍ତୋଷ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ସଭାରେ ତହସିଲଦାର ଉଦ୍‌ବୋଧନ ଦେଇ ଓଡ଼ିଶାର ଭାଷା, ସାହିତ୍ୟ, କଳା, ସଂସ୍କୃତି, ଐତିହ୍ୟ, ନୃତ୍ୟ, ସଙ୍ଗୀତ ଓ ପରମ୍ପରାକୁ ନେଇ ଆମେ ଗର୍ବିତ। ଏହାର ସଂରକ୍ଷଣ କରିବା ସହ ଏହାକୁ ବିଶ୍ୱ ବିଦିତ କରାଇବା ହେଉଛି ଆମ ସମସ୍ତଙ୍କ କର୍ତ୍ତବ୍ୟ ବୋଲି କହିଥିଲେ। ଏଥିସହ ପାରମ୍ପରିକ ଓଡ଼ିଶା ପୋଷାକ ତଥା ଓଡ଼ିଶାର ହସ୍ତତନ୍ତ, ବୟନ ଶିଳ୍ପ ର ପ୍ରଚାର ପ୍ରସାର ପାଇଁ ପାରମ୍ପରିକ ହସ୍ତତନ୍ତ ପୋଷାକ ପରିଧାନ - ଆମ ପୋଷାକ ଆମ ପରିଚୟ ସମ୍ପର୍କିତ ବାର୍ତ୍ତା ସେ ପାଠ କରିଥିଲେ। ସମସ୍ତ ଜନସାଧାରଣ ଏବଂ କର୍ମଚାରୀବୃନ୍ଦ ପାରମ୍ପରିକ ହସ୍ତତନ୍ତ ପୋଷାକ ପରିଧାନ କରିବାକୁ ସେ ତାଙ୍କ ଉଦ୍‌ବୋଧନରେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ଆଶିଷ କୁମାର ନାୟକ, କାଳୀ ପ୍ରସାଦ ଧଳ, ତହସିଲ କାର୍ଯ୍ୟାଳୟ ସେକ୍ସନ ଅଧିକାରୀ ମୁରଲୀଧର ଦଳାଇ ଙ୍କ ସମେତ ବହୁ ସଂଖ୍ୟକ ବିଭାଗୀୟ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ।

# ମହେନ୍ଦ୍ରଗିରିରେ ପର୍ଯ୍ୟଟକ ନିଖୋଜ ଅଭିଯୋଗ

ପାରଳାଖେମୁଣ୍ଡି,୫।୪(ସମିସ)

କାଳବୈଶାଖୀ ପ୍ରଭାବରେ ମହେନ୍ଦ୍ରଗିରିରେ ପର୍ଯ୍ୟଟକ ନିଖୋଜ ହୋଇଛନ୍ତି। ନିଖୋଜ ବ୍ୟକ୍ତି ଜଣକ ହେଲେ ନିଆଳି ବ୍ଲକ୍‌ର ଓଲଟପୁରୁ ଗ୍ରାମର ବିନୋଦ ଜେନା। ଆଜି ଅପରାହ୍ଣରେ ଚାରିଜଣ ସାଙ୍ଗ ମିଶି ପାରଳାଖେମୁଣ୍ଡି ଆସିଥିଲେ। ତେବେ ନିଖୋଜ ବିନୋଦଙ୍କ ସମ୍ପର୍କୀୟଙ୍କ ଘରେ ସଭିଏଁ ମଧ୍ୟାହ୍ନ ଭୋଜନ କରି ପାରଳାଖେମୁଣ୍ଡିଠାରୁ ଗୋଟିଏ କାର୍ ଭଡ଼ା ସୂତ୍ରରେ ନେଇ ରାୟଗଡ ବ୍ଲକ୍ ପବିତ୍ର ମହେନ୍ଦ୍ରଗିରି ବୁଲିବା ପାଇଁ ଯାଇଥିଲେ। ସେଠାରେ କୁନ୍ତୀ ମନ୍ଦିର, ଯୁଧିଷ୍ଠିର ମନ୍ଦିର ଏବଂ ଅର୍ଜୁନ ଗୁମ୍ଫା ବୁଲିବା ପରେ ଅର୍ଜୁନ ଗୁମ୍ଫା ଠାରୁ ଭୀମ ମନ୍ଦିର ଅଭିମୁଖେ ପାହାଡ଼ ଚଢି ଯିବା ସମୟରେ ହଠାତ ଖୁବ ଜୋରରେ ପବନ ବହିବା ସହ ଘଡ଼ଘଡ଼ି ଓ ବର୍ଷା ହୋଇଥିଲା। ଫଳରେ ନିଜ ଜୀବନ ସୁରକ୍ଷା ଲାଗି ସମସ୍ତେ ସୁରକ୍ଷିତ ସ୍ଥାନକୁ ଦୌଡ଼ି ପଳାଇବା ପାଇଁ ଚେଷ୍ଟା କରି ଚାରିଜଣଙ୍କ ମଧ୍ୟରୁ ତିନି ଜଣ ସେଠାରେ ଥିବା ଭୀମ ମନ୍ଦିର ଭିତରେ ଆଶ୍ରୟ ନେଇଥିଲେ। ଅନ୍ୟ ଜଣେ ପାହାଡ ତଳପଟକୁ ଦୌ?ବାରେ ଲାଗିଲେ। ତେବେ ବର୍ଷା ପ୍ରାୟ ୧୦ ମିନିଟ ହେବାପରେ ପରିସ୍ଥିତି ସ୍ୱାଭାବିକ ହେଲା ସେହି ସମୟରେ ତିନି ବନ୍ଧୁ



ନିଖୋଜ ବିନୋଦଙ୍କୁ ଖୋଜିବାର ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ସେଠାରେ ଥିବା ୱାଚ ଟାୱାର ଏବଂ ରିସର୍ଟ ରେ ନିୟୋଜିତ ବନବିଭାଗର କର୍ମଚାରୀଙ୍କୁ ଭେଟି ସମସ୍ତ କଥା ଜଣାଇବା ପରେ ବନ ବିଭାଗ କର୍ମଚାରୀଙ୍କ ସହ ମିଶି ଭୀମ ମନ୍ଦିର ପାହାଡର ସମସ୍ତ ଅଞ୍ଚଳକୁ ଖୋଜାଖୋଜି କରିଥିଲେ। ଆଜି ଅପରାହ୍ନ ସାଢେ ତିନି ଘଣ୍ଟା ଠାରୁ ପ୍ରାୟ ତିନି ଘଣ୍ଟା ଖୋଜାଖୋଜି କରି କୌଣସି ଅନୁସନ୍ଧାନ ନପାଇବାରୁ ବିଳମ୍ବିତ ସନ୍ଧ୍ୟାରେ ଗାରାବନ୍ଧ ପୋଲିସର ସହାୟତା ନେଇଥିଲେ। ବର୍ତ୍ତମାନ ଗାରବନ୍ଧ ପୋଲିସ ଓ ରାମଗିରି ରେଞ୍ଜର ବନକର୍ମଚାରୀ ମିଶି ରାତିରେ ପୁଣି ଥରେ ଖୋଜାଖୋଜି ଆରମ୍ଭ କରିବେ ବୋଲି ଜଣାପଡିଛି। ଖବର ଲେଖିବା ସୁଦ୍ଧା ନିଖୋଜ ବିନୋଦଙ୍କ କୌଣସି ସନ୍ଧାନ ମିଳିନଥିବାର ଜଣାଯାଇଛି।

### ମହାକାଳପଡ଼ା ତହସିଲ ଅଞ୍ଚଳରେ ମାଟି ମାଫିଆଙ୍କ ଦୌରାତ୍ମ୍ୟ

# ଗୋଚର ଜମିରୁ ଖୋଳିନେଉଛନ୍ତି ମାଟି, ଚାରଣ ଭୂମି ନଷ୍ଟ

ମହାକାଳପଡ଼ା, ୫।୪(ସମିସ)



ମହାକାଳପଡ଼ା ତହସିଲ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ବର୍ତ୍ତମାନ ମାଟି ମାଫିଆଙ୍କ ଦୌରାତ୍ମ୍ୟ ଚରମ ସୀମାରେ ପହଞ୍ଚିଛି। ଗୋଚର ଜମିରୁ ବ୍ୟାପକ ଭାବେ ମାଟି ଖୋଳି ନେଉଥିବାରୁ ଚାରଣ ଭୂମି ନଷ୍ଟ ହେଉଛି। ପ୍ରତିଦିନ ଶହ ଶହ ଟ୍ରିପ ମାଟି ଚାଲାଣ ହେଉଛି। ଫଳରେ ସରକାରୀ ସମ୍ପତ୍ତିର କ୍ଷତି ଘଟିବା ସହ ରାଜସ୍ୱ ହାନି ହେଉଛି। ଗୋଚର ଜମି ନଷ୍ଟ ହେବାରୁ ପଶୁପାଳନ ଓ ଗ୍ରାମୀଣ ଜୀବିକା ଉପରେ ପ୍ରଭାବ ପଡ଼ିବା ନେଇ ସ୍ଥାନୀୟ ଲୋକ ଆଶଙ୍କା ପ୍ରକାଶ କରୁଛନ୍ତି। ଏଥିସହ ଅନିୟନ୍ତ୍ରିତ ଖନନ ଫଳରେ ଭୂମି ଧସନ ଜଳସ୍ତର ହ୍ରାସ ଓ ପରିବେଶୀୟ ସନ୍ତୁଳନ ଭଙ୍ଗ ହେବାର ସମ୍ଭାବନା ରହିଛି। ସ୍ଥାନୀୟ ଲୋକ ଅଭିଯୋଗ କରୁଛନ୍ତି ଯେ, ପ୍ରଶାସନ ସବୁ ଜାଣିଥିଲେ ସୁଦ୍ଧା କୌଣସି ପଦକ୍ଷେପ ନେଉନାହିଁ। ଫଳରେ ମାଫିଆଙ୍କ ମନୋବଳ ବଢ଼ୁଛି ଓ ସେମାନେ ନିର୍ଭୟରେ ଏହି ଅବୈଧ କାରବାର ଚାଲୁ ରଖିଛନ୍ତି। କେତେକ ସ୍ଥାନରେ ଦିନରେ ମଧ୍ୟ ମାଟି ଖନନ ହେଉଥିବା ଦେଖିବାକୁ ମିଳୁଛି। ଯାହା ପ୍ରଶାସନର କାର୍ଯ୍ୟ ଉପରେ ପ୍ରଶ୍ନ ଉଠାଇଛି। ଏ ଘଟଣା ସମ୍ପର୍କରେ ମହାକାଳପଡା ତହସିଲଦାରଙ୍କ ସହ ଯୋଗାଯୋଗ କରିବା ପାଇଁ ଅନେକଥର ଚେଷ୍ଟା କରାଯାଇଥିଲେ ସୁଦ୍ଧା ସେ ଫୋନ ରିସିଭ୍ କରି ନ ଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକ ଓ ସାମାଜିକ ସଂଗଠନ ଏହି ଅବୈଧ ମାଟି ଖନନ ଉପରେ ତୁରନ୍ତ ରୋକ ଲଗାଇବା ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଗୋଚର ଜମିକୁ ସୁରକ୍ଷା ଦେବା ପାଇଁ ନିୟମିତ ନିରୀକ୍ଷଣ ବ୍ୟବସ୍ଥା କରିବାକୁ ମଧ୍ୟ ଦାବି ଉଠିଛି। ଯଦି ପ୍ରଶାସନ ପଦକ୍ଷେପ ଗ୍ରହଣ ନ କଲେ, ଆଗାମୀ ଦିନରେ ଏହା ଗୁରୁତର ପରିବେଶୀୟ ଓ ସାମାଜିକ ସମସ୍ୟାର ରୂପ ନେବା ସମ୍ଭାବନା ରହିଛି ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି।

## ଉତ୍କଳ ସମ୍ମିଳନୀର ଉତ୍କଳ ଦିବସ



ପାରାଦୀପ,୫।୪(ସମିସ): ଉତ୍କଳ ସମ୍ମିଳନୀ ପାରାଦୀପ ଆନୁକୂଲ୍ୟରେ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ କନଫରେନ୍ସ ହଲରେ ୮ମ ଉତ୍କଳ ଦିବସ ସମାରୋହ ପାଳନ ହୋଇଯାଇଛି। ସଭାପତି ଧ୍ରୁବଚରଣ ମହାପାତ୍ରଙ୍କ ପୌରହିତରେ ଆୟୋଜିତ ସମାବେଶରେ ମୁଖ୍ୟଅତିଥି ଭାବେ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ବନ୍ଦରର ସିଏମ୍‌ଇ ଶୁଶିଲ୍ କୁମାର ନାହାକ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସବିତା ମହାପାତ୍ର ଏବଂ ପାରାଦୀପ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଧରଣୀଧର ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ସ୍ଥାନୀୟ ୧୭ଟି ବିଦ୍ୟାଳୟରେ ମାଟ୍ରିକ ପରୀକ୍ଷାରେ ଓଡ଼ିଆ ଭାଷା ସାହିତ୍ୟରେ ସର୍ବୋଚ୍ଚ ନମ୍ବର ରଖିଥିବା ୧୭ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୌରାଞ୍ଚଳର ଆଶାକର୍ମୀ ମାନଙ୍କୁ ମଧ୍ୟ ସମ୍ମାନୀତ କରାଯାଇଥିଲା। ଏହା ବ୍ୟତୀତ ଜଣେ ଭଲ ଡାକ୍ତର ଭାବେ ବିଜୁ ମେମୋରିଆଲ ହସ୍ପିଟାଲର ଭେଷଜ ବିଶେଷଜ୍ଞ ଡାକ୍ତର ପ୍ରସନ୍ନ କୁମାର ସାମଲ, ସାରସ୍ୱତ ସାଧିକା ଗୋଲାପରାଣୀ ସାହୁ, ନେମାଳ ଧାମର ଉପସଭାପତି ତଥା ଇଫକୋ ପାରାଦୀପ ୟୁନିଟ୍‌ର ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ପାରିଷଦ ତଥା ବରିଷ୍ଠ ନାଗରିକ ମାଗୁଚରଣ ନାୟକଙ୍କୁ ଉତ୍କଳ ସମ୍ମିଳନୀ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୀତିକବି ପ୍ରେମଲତା ବାରିକଙ୍କ ଅଷ୍ଟମ ସଂକଳନ "ଶେଷ ସଳିତାର ନିଆଁ' ଉନ୍ମୋଚିତ ହୋଇଥିଲା। ସମ୍ପାଦକ ଶାରଦା ପ୍ରସନ୍ନ ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ସହ ସମ୍ପାଦକ କ୍ଷେତ୍ରମୋହନ ସାହୁ ସଭା ପରିଚାଳନା କରିଥିଲେ ଡ. ଅରବିନ୍ଦ ନାୟକ। ଧନ୍ୟବାଦ ଅର୍ପଣ କରିଥିଲେ ସହ ସମ୍ପାଦକ ସନ୍ତୋଷ କୁମାର ସାମଲ ପ୍ରଥମ ଅଧିବେଶନରେ ପଚାଶରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। ଅତିଥି ଭାବେ ଗୋଲାପରାଣୀ ସାହୁ, ପୌର ଉପାଧକ୍ଷା ଛବିଲତା ରାଉତ ମଞ୍ଚାସୀନ ହୋଇଥିବା ବେଳେ ଟୁନିଲତା ବିଶ୍ୱାଳ, ଆରତୀ ଦାସ କବିତା ସଂଯୋଜନା କରିଥିଲେ। ଏହି ସମାବେଶରେ କବି ତୁଳସୀ ବରାଳ ଧନ୍ୟବାଦ ଅର୍ପଣ କରିଥିଲେ।

## କୁଶିଆପାଳରେ ବିଶ୍ୱଶାନ୍ତି ମହାଯଜ୍ଞ ଓ ନାମଯଜ୍ଞ



ଡେରାବିଶ,୫।୪(ସମିସ): କୁଶିଆପାଳ ପଞ୍ଚାୟତ ଅନ୍ତର୍ଗତ କୁଶିଆପାଳ ଗ୍ରାମସ୍ଥ ମା' କ୍ଷେତ୍ରପାଳିନୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଓ ନାମଯଜ୍ଞ ଶେଷ ହୋଇଛି। ଦୀର୍ଘ ୫ ଦିନ ଧରି ମା'ଙ୍କ ପୀଠରେ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଯଜ୍ଞ କର୍ତ୍ତା ଭାବେ ଦୀପକ ସାହୁ ଦାୟିତ୍ୱ ନିର୍ବାହ କରିଥିବାବେଳେ ମନ୍ଦିର କମିଟି ପକ୍ଷରୁ ଗ୍ରାମ୍ୟ କମିଟି ସଭାପତି ମନୋଜ ପ୍ରଧାନ, ସମ୍ପାଦକ ଫଗୁ ଚରଣ ସାହୁ, ସରଳରେଖା ସାହୁ, ଭରତ ସ୍ୱାଇଁ, ଦିଲ୍ଲୀପ କୁମାର ସାହୁ, ଭର୍ତ୍ତୃହରି ସ୍ୱାଇଁ, ଭାଗ୍ୟଧର କୁଣ୍ଡୁ, କୈଳାସ ସାହୁ, ବଂଶୀଧର ସାହୁ, ବାବାଜୀ ସାହୁଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବେଲତଳ ସ୍କୁଲରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ

ପଟ୍ଟାମୁଣ୍ଡାଇ,୫।୪(ସମିସ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ବେଲତଳ ନୋଡାଲ ଉପ୍ରା ସ୍କୁଲରେ ଖଡ଼ିଛୁଆଁ ଓ ସ୍କୁଲ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ଉପଲକ୍ଷେ ପ୍ରଧାନଶିକ୍ଷକ ବିଶ୍ୱରଞ୍ଜନ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ୧୯ନଂ ୱାର୍ଡ କାଉନସିଲର ଗୋପୀ ବଲ୍ଲଭ ନାୟକ ମୁଖ୍ୟଅତିଥି ଓ ଓକିଲ ସଂଘ ଉପସଭାପତି ଗୋପୀନାଥ ତ୍ରିପାଠୀ ଓ ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ଆରତୀ ଭଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପ୍ରବେଶ ପାଇଁ ସ୍ୱାଗତ କରିବା ସହିତ ଖଡ଼ି ଛୁଆଁଇ ବିଦ୍ୟାଦାନର ଶୁଭାରମ୍ଭ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ଇଭା ଦାସ ସ୍ୱାଗତ ଭାଷଣ ଓ ରାଜଶ୍ରୀ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। କୃପାସିନ୍ଧୁ ନାୟକ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ଗୌତମ ସାହୁ ଓ ସ୍କୁଲ ପରିଚାଳନା କମିଟି ସଦସ୍ୟ ରବୀନ୍ଦ୍ର ସାହୁ, ଗୟାରାଣୀ ମହାନ୍ତି ଓ ରଶ୍ମିତା ନାୟକ ପରିଚାଳନା କରିଥିଲେ।



## ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ସନାତନ ବେହୁରାଙ୍କୁ ଶ୍ରଦ୍ଧାଞ୍ଜଳି

ପଟ୍ଟାମୁଣ୍ଡାଇ,୫।୪(ସମିସ): ଆଜୀବନ ଶିକ୍ଷା ଓ ସଂସ୍କାର ସହ ଜୀବନ ଅତିବାହିତ କରିଆସିଥିଲେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଆଦର୍ଶ ଶିକ୍ଷକ ସ୍ୱର୍ଗତ ସନାତନ ବେହୁରା। ପଟ୍ଟାମୁଣ୍ଡାଇ ଅଞ୍ଚଳର ସର୍ବପୁରାତନ ସରକାରୀ ଶିକ୍ଷାନୁଷ୍ଠାନ ମନ୍ମଥନାଥ ଉଚ୍ଚ ବିଦ୍ୟାଳୟରେ ସେ କେବଳ ଶିକ୍ଷକତା କରି ତାଙ୍କ ବୃତ୍ତିଗତ ସମୟ ଶେଷ କରି ନ ଥିଲେ, ବରଂ ଆଜୀବନ ସେ ଥିଲେ ଏକ ଚଳନ୍ତି ପାଠଶାଳା। ଭୂଗୋଳ, ଇତିହାସ, ଗଣିତଠୁ ଇଂରାଜୀ ଯାଏ ତାଙ୍କର ଥିଲା ଗଭୀର ଜ୍ଞାନ। ସାହିତ୍ୟ ରଚନା, ସମାଜସେବା ଓ ଶିକ୍ଷାନୁଷ୍ଠାନ ଗଢିବାରେ ତାଙ୍କ ଜୀବନକୁ ନିୟୋଜିତ କରିଥିଲେ। ଗାଳ୍ପିକ ପ୍ରଦୀପ ନାୟକଙ୍କ ସଂଯୋଜନାରେ ଆୟୋଜିତ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଆଦର୍ଶ ଶିକ୍ଷକ ସନାତନ ବେହୁରାଙ୍କ ସ୍ମୃତିସଭାରେ ଯୋଗଦେଇ ବକ୍ତାମାନେ ଏହି ମତ ଦେଇଥିଲେ। ସନାତନ ବେହୁରାଙ୍କ ଦ୍ୱାଦଶାହ ଅବସରରେ ପ୍ରହରାଜପୁରଠାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ବିଧାୟକ ଅଲେଖ କୁମାର ଜେନା, ପୂର୍ବତନ ପ୍ରଶାସକ ଡ. କେଳୁ ଚରଣ ସ୍ୱାଇଁ, ପୌରାଧକ୍ଷ ହେମନ୍ତ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିଶିକାନ୍ତ ପ୍ରଧାନ, ଡ. ଚାରୁଚନ୍ଦ୍ର ହାଜରା, ଡ. ଅଭୟ ବେହୁରା, ଦୟାନିଧି ସ୍ୱାଇଁ, ଆରାଧନା ଦାଶ, ଆଡଭୋକେଟ୍ ସୂର୍ଯ୍ୟ ରାଉଳ, ରଜନୀକାନ୍ତ ମହାନ୍ତି, ଶିକ୍ଷକ ଅଶୋକ ଦାଶ, ଅଶୋକ ପରିଡ଼ା, କବି ବ୍ରଜସୁନ୍ଦର ସାହୁ, ରମେଶ ଦେ, ସଂଜୀବ କର, ସାମ୍ବାଦିକ ଭାସ୍କର ରାଉତରାୟ, ଜଗନ୍ନାଥ ଦାସ, ଚିତ୍ତରଞ୍ଜନ ମଲ୍ଲିକ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଶହ ଶହ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇ ଦିବଂଗତ ଶିକ୍ଷକ ସନାତନ ବେହୁରାଙ୍କ କର୍ମମୟ ଜୀବନ ଶିକ୍ଷା କ୍ଷେତ୍ରକୁ ଅବଦାନ ସମ୍ପର୍କରେ ଆଲୋକପାତ କରିବା ସହିତ ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ରମେଶ ଚନ୍ଦ୍ର ସାହାଣୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରଭାତ ବେହୁରା ଓ ନିହାର ବେହୁରା ପରିଚାଳନା କରିଥିଲେ।




## ଅମୃତା ଫାଉଣ୍ଡେସନର ପୁସ୍ତକ ବିତରଣ ଉତ୍ସବ

ଜଗତସିଂହପୁର,୫।୪(ସମିସ): ଆଜି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରେକ୍ଷାଳୟରେ ଅମୃତା ଫାଉଣ୍ଡେସନ ପକ୍ଷରୁ ପାଠ୍ୟପୁସ୍ତକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ସଭାପତିତ୍ୱ କରିଅନୁଷ୍ଠାନରନିର୍ଦ୍ଦେଶକତଥାଭାରତସରକାରଙ୍କପ୍ରାକ୍ତନଯୁଗ୍ମସଚିବ ଡ. ବଟକିଶୋର ରାୟ କହିଲେ ଯେ ଅମୃତା ଫାଉଣ୍ଡେସନ ଏମିତି ଏକ ବେସରକାରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯାହା ଗରିବ ତଥା ବାପା-ମାଆ ଛେଉଣ୍ଡ ଛାତ୍ରୀମାନଙ୍କ ଆଗକୁ ବଢିବାକୁ ପ୍ରୋତ୍ସାହନ ଦେଇଆସୁଛି। ଏବେ ସୁଦ୍ଧା ଫାଉଣ୍ଡେସନ୍ ୯୩ଜଣ ଅମୃତା କନ୍ୟାଙ୍କୁ ସହାୟତା ଯୋଗାଇ ଚାଲିଛି। ସେହିପରି ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଭୁବନେଶ୍ୱର ସ୍ଥିତ ହାଇଟେକ୍ ମେଡିକାଲ୍ କଲେଜର ଅଧ୍ୟକ୍ଷ ପ୍ରଫେସର ଡ. ଅକ୍ଷୟ ମିଶ୍ର କହିଲେ ଯେ ପିଲାମାନେ ବିଦ୍ୟାରୂପକ ମହାଧନକୁ ପୁଞ୍ଜି କରି ସାଧନା ପଥରେ ଆଗେଇ ଗଲେ ସେମାନେ ଜୀବନର ଲକ୍ଷ୍ୟ ଭେଦ କରିପାରିବେ। ଆର୍ଥିକ ଅନଗ୍ରସର ବିଦ୍ୟାର୍ଥୀମାନଙ୍କୁ ତାଙ୍କ ଜୀବନର ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇବାକୁ ଉଚିତ୍ ମାର୍ଗ ପ୍ରଦର୍ଶନ ଅମୃତା ଫାଉଣ୍ଡେସନର ମୂଳ ଲକ୍ଷ୍ୟ ହୋଇଥିବାରୁ ସେ ଏହି ସାଧୁ ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱାମୀ ବିବେକାନନ୍ଦ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସୁଜାତା ଓତା କହିଲେ ଯେ ସମାଜ ପ୍ରତି ସମର୍ପିତ ଭାବନା ମାନବକୁ ଅତିମାନବ ସ୍ତରକୁ ନେଇଯାଏ। ସେହିପରି ଭାବନା ନେଇ ଅମୃତା କନ୍ୟାମାନେ ସମାଜର ମୁଖ୍ୟସ୍ରୋତକୁ ଆସି କାମ କରିଚାଲନ୍ତୁ ଏବଂ ଅନ୍ୟମାନଙ୍କ ପାଇଁ ଆଦର୍ଶ ସାଜନ୍ତୁ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଉତ୍ସବରେ ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ କରିଥିଲେ ଫାଉଣ୍ଡେସନର ମୁଖ୍ୟ ସଂଯୋଜକ ସଂଜମ କିଶୋର ମହାନ୍ତି। ଆଗାମୀ ଦିନରେ ଅମୃତା ଫାଉଣ୍ଡେସନ ଲକ୍ଷ୍ୟ ଏବଂ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ ଅମୃତା ଫାଉଣ୍ଡେସନର ପ୍ରତିଷ୍ଠାତା ଡ. ଅଭୟ କୁମାର ନାୟକ। ସହାୟତା ପ୍ରାପ୍ତି ପରେ ଅମୃତା କନ୍ୟା ତଥା ସେମାନଙ୍କର ଅଭିଭାବକ କୃତଜ୍ଞତା ଜଣାଇଥିଲେ। ଏହି ସଭାରେ ସମସ୍ତ ମଣ୍ଡଳର ସଂଯୋଜକ ଦୀପକ ଦାସ, ରିନୟ ରାୟ, ପଣ୍ଡିତ ରବୀନ୍ଦ୍ର ନାଥ ମିଶ୍ର, ଶରତ ଚନ୍ଦ୍ର ପଣ୍ଡା ଓ ରବୀନ୍ଦ୍ରନାଥ ନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ଜଗତସିଂହପୁର ମଣ୍ଡଳ ସଂଯୋଜକ ତଥା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



## ସରୋଜ କୃଷକ ମୋର୍ଚ୍ଚା ସମ୍ପାଦକ



ପଞ୍ଚୁପାଣ୍ଡବ, ୫।୪(ସମିସ): ଡେରାବିଶ ବ୍ଲକର ପ୍ରାକ୍ତନ ଅଧ୍ୟକ୍ଷ ତଥା ବିଜେପି ନେତା ସରୋଜକାନ୍ତ ସାହୁଙ୍କୁ ରାଜ୍ୟ କୃଷକ ମୋର୍ଚ୍ଚାର ସମ୍ପାଦକ ନିଯୁକ୍ତ କରାଯାଇଛି। ରାଜ୍ୟ ସଭାପତିଙ୍କ ଅନୁମୋଦନକ୍ରମେ ତାଙ୍କୁ ଏହି ଦାୟିତ୍ୱ ଦିଆଯାଇଥିବାରୁ ବ୍ଲକ ବିଜେପି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କୃଷକଙ୍କ ପାଇଁ ସରକାରଙ୍କ ବିବିଧ ଯୋଜନା କିପରି ସଫଳ ରୂପାୟନ ହେବ ଓ କୃଷକ ମୋର୍ଚ୍ଚା କିପରି ଅଧିକ କ୍ରିୟାଶୀଳ ହୋଇପାରିବ, ଏହା ତାଙ୍କର ପ୍ରାଥମିକ ଲକ୍ଷ୍ୟ ବୋଲି ଶ୍ରୀ ସାହୁ କହିଛନ୍ତି। ଏହି ନିଯୁକ୍ତି ନେଇ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ସାଂସଦ ବୈଜୟନ୍ତ ପଣ୍ଡା, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ପାଢ଼ୀ, ରାଜ୍ୟ ସଂଗଠନ ସମ୍ପାଦକ ମାନସ ମହାନ୍ତି, ମହାକାଳପଡ଼ା ବିଧାୟକ ଡ ଦୁର୍ଗା ପ୍ରସନ୍ନ ନାୟକ, ବିଜେପି ଜିଲ୍ଲା ସଭାପତି ଶଶାଙ୍କ ସେଠୀ, ରାଜ୍ୟ ପରିଷଦ ସଭ୍ୟ ଦୁର୍ଯ୍ୟୋଧନ ସାହୁ ଓ ପ୍ରାକ୍ତନ ଜିଲ୍ଲା ସଭାପତି କିଶୋର ପଣ୍ଡାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ବାଲିତୁଠରୁ ଆସ୍କା ଫର୍ଟି ଜବତ

କୁଜଙ୍ଗ,୫।୪(ସମିସ): କୁଜଙ୍ଗ ଥାନା ଅନ୍ତର୍ଗତ ବାଲିତୁଠ ଅଞ୍ଚଳରୁ କୁଜଙ୍ଗ ପୋଲିସ ୭୧ ବୋତଲ ଆସ୍କା ଫର୍ଟି ଜବତ କରିଛି। ଏହି ଘଟଣାରେ ବାଲିତୁଠ ଅଞ୍ଚଳର ଗୋବିନ୍ଦ ପଲାଇଙ୍କ ପୁଅ କୃଷ୍ଣଚନ୍ଦ୍ର ପଲାଇ ଓରଫ ବାବୁକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି।

## ପୁରୀରେ ପ୍ରତିଷ୍ଠା ହେବ ବିଶ୍ୱସ୍ତରୀୟ କ୍ରୁଜ୍ ଟର୍ମିନାଲ୍



ପାରାଦୀପ,୫।୪(ସମିସ): ପୁରୀଠାରେ ବିଶ୍ୱସ୍ତରୀୟ କ୍ରୁଜ୍ ଟର୍ମିନାଲ ପ୍ରତିଷ୍ଠା ହେବାକୁ ଯାଉଛି। ଏହି ପ୍ରସ୍ତାବିତ ପ୍ରକଳ୍ପ ନିମନ୍ତେ ପାରାଦୀପ ବନ୍ଦର ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ଏହା କାର୍ଯ୍ୟକ୍ଷମ ହେବ। ଶନିବାର ପାରାଦୀପ ବନ୍ଦର ମୁଖ୍ୟଯନ୍ତ୍ରୀ ହିମାଂଶୁ ଶେଖର ରାଉତ ପ୍ରସ୍ତାବିତ ଅଞ୍ଚଳ ବୁଲି ଦେଖିବା ସହିତ ସ୍ଥିତି ଅନୁଧ୍ୟାନ କରିଥିଲେ। ପ୍ରସିଦ୍ଧ ଜଗନ୍ନାଥ ମନ୍ଦିର ଦର୍ଶନ କରିବା ସହିତ କୋଣାର୍କ ମନ୍ଦିର ଦେଖିବାକୁ ବିଶ୍ୱର ବିଭିନ୍ନ ସ୍ଥାନରୁ ଲୋକମାନେ ଆସିଥାନ୍ତି। କ୍ରୁଜ୍ ଟର୍ମିନାଲ ନିର୍ମାଣ ହେବା ପରେ ଜାହାଜ ଯୋଗେ ବିଭିନ୍ନ ସ୍ଥାନରୁ ଦର୍ଶକମାନେ ପୁରୀ ବୁଲିବାକୁ ଆସି ପାରିବେ। ପୁରୀରେ ହେବାକୁ ଥିବା ଆନ୍ତର୍ଜାତୀୟ ବିମାନ ବନ୍ଦରଠାରୁ ଅନତି ଦୂରରେ ଏହି କ୍ରୁଜ୍ ଟର୍ମିନାଲ ପ୍ରତିଷ୍ଠା ହେବ। ରାଜ୍ୟ ସରକାର ଓ ପାରାଦୀପ ବନ୍ଦର ମିଳିତ ଭାବେ ଏହି ପ୍ରକଳ୍ପ ନିମନ୍ତେ ସହଭାଗିତା ରହିବ। ଏହି ସାମୁକା ପ୍ରକଳ୍ପ ଆଗାମୀ ଦିନରେ ପୁରୀକୁ ବିଶ୍ୱ ପ୍ରସିଦ୍ଧ ଦର୍ଶନୀୟ ସ୍ଥାନ ଭାବେ ପରିଗଣିତ କରିବ ବୋଲି ପାରାଦୀପ ବନ୍ଦର ପକ୍ଷରୁ ମିଳିଥିବା ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି। ମୁମ୍ବାଇଠାରେ ଅନୁଷ୍ଠିତ ହୋଇଥିବା ଇଣ୍ଡିଆ ମେରିଟାଇମ୍ ସମିଟରେ ଭାରତ ସରକାର ଏହି ପ୍ରକଳ୍ପକୁ ମଞ୍ଜୁରୀ ଦେଇଥିଲେ। ଯାହାକୁକି ରାଜ୍ୟ ସରକାର ଗ୍ରହଣ କରିଥିଲେ।

## ଡିଏଭି ଅଧ୍ୟକ୍ଷାଙ୍କ ସମ୍ବର୍ଦ୍ଧନା ସଭା



ପାରାଦ୍ୱୀପ,୫।୪(ସମିସ): ପାରାଦୀପ ପୋର୍ଟ ଡିଏଭି ପବ୍ଲିକ୍ ସ୍କୁଲର ଅଧ୍ୟକ୍ଷା ବିନ୍ଦୁଶ୍ରୀ ମହାନ୍ତି ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିପିଏଲ ଡିଏଭିର ଅଧ୍ୟକ୍ଷ ସଞ୍ଜୀବ ସାହୁ, ଇଫକୋ ଡିଏଭିର ଅଧ୍ୟକ୍ଷ ସମ୍ବିତ କୁମାର ଚିନ୍ନାରାଙ୍କ ସମେତ ଉଭୟ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ପୋର୍ଟ ଡିଏଭି ସ୍କୁଲର ଶିକ୍ଷକ ମନୋଜ କୁମାର ରଥ, ହୃଷୀକେଶ ପ୍ରଧାନ, ବି ସାରଳା, ରାଜଲକ୍ଷ୍ମୀ ମିଶ, ଅଭିଭାବକ ପ୍ରସନ୍ନ ଶତପଥୀ ଓ ସନ୍ତୋଷ ଭାରତୀ ଉପସ୍ଥିତ ଥିଲେ। ଏହା ସହିତ ଗୀତାଞ୍ଜଳି ହୋତା ନୂତନ ଅଧ୍ୟକ୍ଷା ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ।

## ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଡେରାବିଶ, ୫।୪(ସମିସ): ଡେରାବିଶ ବ୍ଲକ୍ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡାଳୋସ୍ଥ ରାମଚଣ୍ଡୀ ସଂସ୍କୃତ ବିଦ୍ୟାଳୟର ପ୍ରଧାନଶିକ୍ଷକ କଳ୍ପତରୁ ନାୟକଙ୍କୁ ବିଦ୍ୟାଳୟ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସମ୍ବର୍ଦ୍ଧନା ସଭାରେ ଶିକ୍ଷାବିତ ଅଧ୍ୟାପକ ରମେଶ ଚନ୍ଦ୍ର ଶତପଥୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଆଚାର୍ଯ୍ୟ ଜ୍ୟୋତିର୍ବିଦ୍ ତଥା ବାସ୍ତୁ ବିଶାରଦ ପଣ୍ଡିତ କରୁଣାକର ମିଶ୍ର ଯୋଗଦେଇଥିଲେ। ସମାଜସେବୀ ସୁଖଦାନନ୍ଦ ପ୍ରଧାନ ମୁଖ୍ୟବକ୍ତା ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସତ୍ୟନାରାୟଣ ମହାନ୍ତି, ସଂସ୍କୃତ ମହାମଣ୍ଡଳର ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାମଚଣ୍ଡୀ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷା ରିନା ମିଶ୍ର ଓ ସମସ୍ତ ଅଧ୍ୟାପକ ଓ କର୍ମଚାରୀ, ପଞ୍ଚାୟତ ବାଳିକା ଉଚ୍ଚବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ରାମଚଣ୍ଡୀ ସଂସ୍କୃତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଯୋଗଦେଇ ଶ୍ରୀ ନାୟକଙ୍କ କର୍ମମୟ ଜୀବନ, ନିଷ୍ଠାପର କର୍ତ୍ତବ୍ୟ ଓ ଅଭିନବ ଶିକ୍ଷାଦାନ ପ୍ରଣାଳୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏଥିସହିତ ପୂର୍ବରୁ ଅବସର ନେଇଥିବା ପ୍ରଧାନଶିକ୍ଷକ ବ୍ରଜକିଶୋର ମହାନ୍ତି ଓ ଅଧ୍ୟାପକ ରମେଶ ଶତପଥୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଲୋକନାଥ ମିଶ୍ର, ଡଃ ମନୋରଞ୍ଜନ ନାୟକ, ଧିରେନ୍ଦ୍ର ନାଥ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ କାର୍ଯ୍ୟାଳୟ କାର୍ଯ୍ୟନିର୍ବାହୀ ପ୍ରଦୀପ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବଡ଼ପଲ୍ଲୀ ଉଚ୍ଚବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ



ରାଜନଗର, ୫।୪(ସମିସ): ରାଜନଗର ବ୍ଲକ ବଡ଼ପଲ୍ଲୀ ଉଚ୍ଚବିଦ୍ୟାଳୟ ପରିସରରେ ଅଧ୍ୟାପକ ଶଶଧର ରାଉତଙ୍କ ସଂଯୋଜନାରେ ୧୯୯୮ ବ୍ୟାଚର ଛାତ୍ରଛାତ୍ରୀଙ୍କ ଗୁରୁପୂଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଗୁରୁଜୀ ମହେଶ୍ୱର ବଳ, ଡ. ଶୁକଦେବ ସ୍ୱାଇଁ, ସର୍ବେଶ୍ୱର ମହାନ୍ତି, ପ୍ରଫୁଲ୍ଲ ରାଉତ, ବୈଷ୍ଣବ ପ୍ରତିହାରୀ ଓ ପ୍ରଧାନଶିକ୍ଷକ ଅଭୟ ରାଉତ ପ୍ରମୁଖଙ୍କୁ ଏହି ବ୍ୟାଚର ଛାତ୍ରଛାତ୍ରୀ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପରେ ଆୟୋଜକ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ଦିଲ୍ଲୀପ, ବୁବୁଲାଲ, ମନ୍ଦାକିନୀ, ଜାନକୀ, ପ୍ରମୋଦ, ମହେନ୍ଦ୍ର, ସରୋଜ, ଉମାକାନ୍ତ, ସରୋଜ ନାୟକ, ବିନୋଦ, ମମତାମୟୀ, ଦିପ୍ତୀରଞ୍ଜନ, ସୁମିତ୍ରା, ସନ୍ଧ୍ୟାରାଣୀ, ମନୋରମା ପ୍ରମୁଖ ସହଯୋଗ କରିଥିଲେ। ପ୍ରଧାନଶିକ୍ଷକ ଅଭୟ କୁମାର ରାଉତ ଧନ୍ୟବାଦ ଦେଇଥିଲେ।

## କୁଜଙ୍ଗ ବନବିହାରୀ ହାଇସ୍କୁଲର ବାର୍ଷିକ ଉତ୍ସବ

କୁଜଙ୍ଗ,୫।୪(ସମିସ): ଶତାୟୁ ଶିକ୍ଷାନୁଷ୍ଠାନ କୁଜଙ୍ଗ ବନବିହାରୀ ହାଇସ୍କୁଲ ୧୨୫ତମ ବାର୍ଷିକ ଉତ୍ସବ 'ବିଥିକା' ରଙ୍ଗାରଙ୍ଗ ପରିବେଶରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଉତ୍ସବରେ ମୁଖ୍ୟଅତିଥି ରୂପେ ସାଂସଦ ଡ. ବିଭୁପ୍ରସାଦ ତରାଇ ଯୋଗ ଦେଇଥିଲେ। ଶିକ୍ଷା ବିକାଶ ମୂଳ ମନ୍ତ୍ର। ନୂତନ ଶିକ୍ଷାନୀତି ଲାଗୁ ହେବା ପରେ ଆମ ଗୌରବମୟ ଇତିହାସ ଜାଣିବା ସହ କଳା ବିଜ୍ଞାନ ବାଣିଜ୍ୟ ସବୁ କ୍ଷେତ୍ରରେ ଦେଶ ଆଗେଇବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ଚନ୍ଦ୍ର ମେହେର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କବି ରାଜୁ ସାମଲ, କଥାବାଚକ ଶରଣରବିନ୍ଦ ଓଝା, ବ୍ରହ୍ମ ଜଗନ୍ନାଥ ମିଶନର ପ୍ରମୁଖ କ୍ୟାପେଟନ ସଂଜୀବ କୁମାର ମୁଦୁଲି ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପରିଚାଳନା କମିଟି ସଭାପତି ଡ. ପ୍ରବୀର ପ୍ରଧାନଙ୍କ ଅଧ୍ୟକ୍ଷତାରେ ବନବିହାରୀ ହାଇସ୍କୁଲର ପ୍ରଧାନଶିକ୍ଷକ ତଥା କୁଜଙ୍ଗ ବିଇଓ ମନୋଜ କୁମାର ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ରବୀନ୍ଦ୍ର ନାୟକ ସ୍ୱାଗତ ଭାଷଣ ଦେଇ ଥିଲେ। ନାରାୟଣ ବେହେରାଙ୍କ ସଂଯୋଜନାରେ ରୁନିବାଳା ମଲ୍ଲିକ୍, ଗୀତାଞ୍ଜଳି ସେନାପତି, ଶୁଭ୍ରଜ୍ୟୋତି ମହାପାତ୍ର, ସସ୍ମିତା ନାୟକ, ପ୍ରଣତୀ ସ୍ୱାଇଁ ପ୍ରମୁଖ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀ, ଆଲୁମିନି କମିଟି ଓ ପରିଚାଳନା ସମିତି ସଦସ୍ୟଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ପରେ ଜୀବନନନ୍ଦା ଅଧିକାରୀଙ୍କ ନିର୍ଦ୍ଦେଶନାରେ କୁଜଙ୍ଗ ଗାନ୍ଧୀ ନାଟକ ପରିବେଷଣ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ମୁଖପତ୍ର ଉନ୍ମୋଚନ କରାଯାଇଥିଲା।



# ମୌଳିକ ସୁବିଧାରୁ ବଞ୍ଚିତ ଝାଡ଼ମାଳ ଗ୍ରାମବାସୀ

ରାଜକନିକା,୫।୪(ସମିସ)



ରାଜକନିକା ବ୍ଲକ କାଟଣାବଣିଆଁ ପଞ୍ଚାୟତର ଝାଡ଼ମାଳ ଗାଁ ଏବେ ସମସ୍ୟାରେ ଛନ୍ଦି ହୋଇରହିଛି। ଏହି ଗ୍ରାମର ଲୋକେ ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି। ପଞ୍ଚାୟତର ଶେଷ ଭାଗରେ ବ୍ରାହ୍ମଣୀ ନଦୀ ଶଯ୍ୟାରେ ଥାଇ ବି ଏହି ଗାଁରେ ପାନୀୟଜଳ ସମସ୍ୟା ଉତ୍କଟ ହୋଇଛି। ଗାଁରେ ଥିବା ୧୩୫ ଘର ପାଇଁ ୩ଟି ନଳକୂପ ଥିବାବେଳେ ସେଥିରୁ ଦୁଇଟିରେ ଲୁଣା ପାଣି ସହ ଲୁହା ଗୁଣ୍ଡ ମିଶା ପାଣି ବାହାରୁଛି। ଖରାଦିନ ଆରମ୍ଭ ହୋଇନି, କିନ୍ତୁ ଏହି ଗାଁରେ ଜଳକଷ୍ଟ ଉଗ୍ର ରୂପ ନେଲାଣି। ଗାଁ ଲୋକେ ବାଧ୍ୟ ହୋଇ ପୋଖରୀପାଣି ବ୍ୟବହାର କରୁଛନ୍ତି। ପଞ୍ଚାୟତ ପକ୍ଷରୁ ସ୍ୱଜଳ ଧାରା ଯୋଜନାରେ ପ୍ରାୟ ସମସ୍ତ ଗାଁକୁ ପାଇପ ପାଣି ଦିଆଯାଉଥିବାବେଳେ ଏହି ଗାଁ ଓ ଏହାର ପଡୋଶୀ ଧାମରା ଗାଁକୁ ପାଇପ ପାଣି ପହଞ୍ଚିପାରିନାହିଁ। ଅନ୍ୟପକ୍ଷରେ ଏହି ଗାଁ ନଦୀକୂଳରେ ଅବସ୍ଥିତି ଯୋଗୁ ଏଠାରେ ବନ୍ୟାବାତ୍ୟା ଆଶ୍ରୟସ୍ଥଳ କରିବାକୁ ପ୍ରତିଥର ନିର୍ବାଚନରେ ପ୍ରତିଶ୍ରୁତି ମିଳିଥିବାବେଳେ ଏଯାଏ ତାହା ହୋଇନାହିଁ। ବ୍ଲକ୍‌ର ଶେଷ ସୀମାରେ ଅବସ୍ଥିତି ଯୋଗୁ ଏହି ଗାଁକୁ ନଦୀର ଜୁଆର ମାଡ଼ ଭୟ ମଧ୍ୟ ରହିଛି। କୁମ୍ଭୀର ଉପଦ୍ରବ ଭୟ ସହ ଜୀବନଜୀବିକା ନିର୍ବାହ ପାଇଁ ସରକାରୀ ଭାବେ କୌଣସି ସାଧନ ନ ଥିବାବେଳେ ଗାଁରେ ଥିବା ସ୍କୁଲର ମଧ୍ୟ ଆବଶ୍ୟକ ଘର ନାହିଁ। ନାହିଁ ନାହିଁର ଏହି ଗାଁ ପ୍ରତି ନାଁ ଅଛି ପଞ୍ଚାୟତର ଶୁଭ ଦୃଷ୍ଟି ନାଁ ବ୍ଲକ ପ୍ରଶାସନର। ବିବିଧ ସମସ୍ୟାରେ ଛନ୍ଦି ହୋଇଥିବା ଏହି ଗାଁର ମୌଳିକ ସମସ୍ୟାର ସମାଧାନ ପାଇଁ ଗ୍ରାମର ଯୁବଗୋଷ୍ଠୀ, ବରିଷ୍ଠ ନାଗରିକ ପ୍ରଶାସନ ନିକଟରେ ଗୁହାରି କରିଛନ୍ତି।

